

ଯା ଦେବୀ ସର୍ବଭୂତେଷୁ.....

ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଶୁକ୍ରବାର ୨୧ ଜୁଲାଇ ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 21 JULY 2023

Vol.No. 35 ■ No. 192 ■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019

ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

ପୁରୁଣା ଭିଡିଓକୁ ନେଇ ମଣିପୁର ଅଶାନ୍ତ: ୨ ମହିଳାଙ୍କୁ ନିବସ୍ତ୍ର କରି ରାସ୍ତାରେ ଟଣାଓଟରା

ନୂଆଦିଲ୍ଲୀ,୨୦/୦୭ :ଧୀରେ ଧୀରେ ଶାନ୍ତ ହେଉଥିବା ମଣିପୁର ପରିସ୍ଥିତି ପୁଣି ଥରେ ବିଗିଡ଼ିବାରେ ଲାଗିଛି । ୨ ମାସ ତଳର ଏକ ଭିଡିଓ ଏବେ ଭାଇରାଲ ହେଉଥିବା ବେଳେ ଏହାକୁ ନେଇ ସମଗ୍ର ରାଜ୍ୟରେ ଉତ୍ତେଜନା ଦେଖିଦେଇଛି । ଭିଡିଓରେ ଦୁଇ ନିବସ୍ତ୍ର ମହିଳା ରାସ୍ତାରେ ଦୌଡୁଥିବା ବେଳେ ଅନ୍ୟମାନେ ତାଙ୍କୁ ଟଣାଓଟରା କରୁଥିବା ଦେଖିବାକୁ ମିଳୁଛି । ଆଜି ଇଣ୍ଟିଜିନସ୍ ଟ୍ରାଇବାଲ ଲିଡର୍ସ ଫୋରମର ପ୍ରଦର୍ଶନ ହେବା ପୂର୍ବର ଯୋଜନାବଦ୍ଧ ଭାବେ ଏହି ଭିଡିଓକୁ ଭାଇରାଲ କରାଯାଇଥିବା ଜଣାଯାଇଛି । ଭାଇରାଲ ହୋଇଥିବା ଭିଡିଓ ଗତ ମେ' ୪ ତାରିଖର ବୋଲି ଜଣାଯାଇଛି । ତାହା ପୂର୍ବ ଦିନ ହିଁ ମଣିପୁରରେ ପ୍ରଥମେ ହିଂସାକାଣ୍ଡ ଆରମ୍ଭ ହୋଇଥିଲା । ମଣିପୁରର କାଙ୍ଗକୋପି ଜିଲ୍ଲାରେ ୨ ମହିଳାଙ୍କୁ ନିବସ୍ତ୍ର କରି ଚାଷ ଜମିରେ ଟଣାଓଟରା କରାଯାଇଥିବା ଭିଡିଓରେ ଦେଖିବାକୁ ମିଳିଛି । ପୀଡ଼ିତ ମହିଳାଦ୍ୱୟ କୁକି- ଜୋ ଜନଜାତିର ହୋଇଥିବା ବେଳେ ସେମାନଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରୁଥିବା ବ୍ୟକ୍ତି ମୈତି ସମୁଦାୟର ବୋଲି ଜଣାଯାଇଛି । ପୀଡ଼ିତ ମହିଳାଙ୍କୁ ବନ୍ଧା ଯାଇଥିବା ବେଳେ ସେମାନେ ଉଦ୍ଧାର ପାଇଁ କାନ୍ଦି କାନ୍ଦି ଗୁହାରି କରୁଥିଲେ । ମାତ୍ର ଅନ୍ୟମାନେ ଏହା ଦେଖୁଥିଲେ ବି କେହି ସାହାଯ୍ୟ କରିବାକୁ ଆଗେଇ ଆସୁ ନ ଥିଲେ । ଘଟଣାର ମାସେ ପରେ ଗତ ଜୁନ୍ ୨୧ ତାରିଖରେ ଏନେଇ ଏକ ମାମଲା ରୁଜୁ ହୋଇଥିବା ବେଳେ ଜୁଲାଇ ମାସରେ ଏହାର ଭିଡିଓ ଭାଇରାଲ ହୋଇଛି । ଥାନାରେ ହୋଇଥିବା ଲିଖିତ ଅଭିଯୋଗ ଅନୁଯାୟୀ, ଉକ୍ତ ଭିଡ଼ରେ ଜଣେ ବ୍ୟକ୍ତିଙ୍କୁ ହତ୍ୟା କରାଯାଇଥିବା ବେଳେ ୩ ମହିଳାଙ୍କୁ ନିବସ୍ତ୍ର କରାଯାଇଥିଲା । ସେଥି ମଧ୍ୟରୁ ଜଣେ ୧୯ ବର୍ଷୀୟା ଯୁବତୀଙ୍କୁ ଗଣବଳାତ୍କାର କରାଯାଇଥିଲା । ଏହାଦେଖି ଯୁବତୀଙ୍କୁ ଉଦ୍ଧାର ପାଇଁ ତାଙ୍କ ଭାଇ ପାଇଁ ଉଦ୍ୟମ କରିବାରୁ ଅଭିଯୁକ୍ତମାନେ ତାଙ୍କୁ ହତ୍ୟା କରିଥିଲେ । ଏହାପରେ ୩ ମହିଳାଙ୍କୁ କିଛି ବ୍ୟକ୍ତି ସହାୟତା କରିବାରୁ ସେମାନେ ଫେରାର ହେବାରେ ସଫଳ ହୋଇଥିବା ଜଣାଯାଇଛି । ଏହି ଭିଡିଓ ଭାଇରାଲ ହେବା ପରେ ମଣିପୁର ମୁଖ୍ୟମନ୍ତ୍ରୀ ଏନ୍. ବୀରେନ ସିଂ କହିଛନ୍ତି, ସରକାର ଏହି ଭିଡିଓର ସତ୍ୟାସତ୍ୟ ଜାଣିବାକୁ ଚେଷ୍ଟା ଚଳାଇଛନ୍ତି । ଏହି ଘଟଣାର ଯାଞ୍ଚ ପାଇଁ ଆଦେଶ ଦିଆଯାଇଛି । ଦୋଷୀଙ୍କୁ ଖୁବ୍ ଶୀଘ୍ର ଗିରଫ କରାଯିବ ବୋଲି ସେ କହିଛନ୍ତି । ଗତ ମେ' ୩ ତାରିଖରେ ମଣିପୁରରେ କୁକି ସମୁଦାୟ ପକ୍ଷରୁ ଆଦିବାସୀ ଏକତା ମାର୍ଚ୍ଚ ଶୋଭାଯାତ୍ରା ବେଳେ ହିଂସାକାଣ୍ଡ ସୃଷ୍ଟି ହୋଇଥିଲା । ଉକ୍ତ ସମୟରେ ମୈତି ଓ କୁକି ସମ୍ପ୍ରଦାୟ ଲୋକେ ମୁହାଁମୁହିଁ ହୋଇଥିଲେ । ସେବେଠୁ ମଣିପୁର ଅଶାନ୍ତ ହୋଇ ଉଠିଥିବା ବେଳେ ୧୬୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ହତ୍ୟା କରାଯାଇଛି । ମଣିପୁରର ଏହି ଭାଇରାଲ ଭିଡିଓ ଘଟଣାକୁ ସମଗ୍ର ଦେଶରେ ନିନ୍ଦା କରାଯାଇଥିବା ବେଳେ ଆପ୍ ବି ଏହାର ଦୃଢ ନିନ୍ଦା କରିଛି । ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିଓ୍ୱାଲ ଟ୍ୱିଟ କରି ଏହି ଘଟଣା ଅତ୍ୟନ୍ତ ଲଜ୍ଜାଜନକ ବୋଲି କହିଛନ୍ତି । ଏପରି ଘୃଣ୍ୟ କାମ ଭାରତୀୟ ସମାଜରେ କେବେବି ଗ୍ରହଣୀୟ ନୁହେଁ ।

ମଣିପୁର ଘଟଣାରେ କେନ୍ଦ୍ର ଉପରେ ଗର୍ଜିଲେ ସୁପ୍ରିମକୋର୍ଟ

■ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କର■

ନୂଆଦିଲ୍ଲୀ,୨୦/୦୭ : ମଣିପୁରର ୨ ମହିଳାଙ୍କୁ ନିବସ୍ତ୍ର କରି ରାସ୍ତାରେ ଟଣାଓଟରା କରି ନେବା ଘଟଣାର ଭିଡିଓ ଭାଇରାଲ ହେବାପରେ ଏହାକୁ ନେଇ ସମଗ୍ର ଦେଶ ଉଠୁଛି ପଡୁଛି । ଏହି ଘଟଣା ସମଗ୍ର ମାନବ ଜାତି ପାଇଁ ଅପମାନ ବୋଲି କହିବା ସହ ଏହା ସମ୍ବିଧାନର ଘୋର ଉଲ୍ଲଙ୍ଘନ ବୋଲି କହିଛନ୍ତି ସୁପ୍ରିମକୋର୍ଟ । ଏପରିକି କେନ୍ଦ୍ର ସରକାର ଏହି ଘଟଣାରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ସୁପ୍ରିମକୋର୍ଟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ଚେତାବନୀ ଦେଇଛନ୍ତି ପ୍ରଧାନ ବିଚାରପତି ଡି. ୱାଇ ଚନ୍ଦ୍ରଚୂଡ଼ । ମଣିପୁର ଘଟଣା ସମଗ୍ର ଦେଶରେ ହଇଚଇ ସୃଷ୍ଟି କରିଥିବା ବେଳେ ଏହାକୁ ଆଜି ଘୋର ନିନ୍ଦା କରିଛନ୍ତି ସୁପ୍ରିମକୋର୍ଟ । ପ୍ରଧାନ ବିଚାରପତି ଡି. ୱାଇ ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ଆଜି ଏହି ମାମଲାର ଶୁଣାଣି କରି ସଭ୍ୟ ମାନବ ସମାଜରେ ଏପରି ଅସାମାଜିକ କାର୍ଯ୍ୟକଳାପ କେବେ ବି ଗ୍ରହଣୀୟ ନୁହେଁ ବୋଲି କହିଛନ୍ତି । ଭାଇରାଲ ହେଉଥିବା ଭିଡିଓ ସମାଜରେ ଘୋର ବିଶୃଙ୍ଖଳା ସୃଷ୍ଟି କରୁଥିବା ବେଳେ ଏହା ସାମ୍ବିଧାନିକ ଅଧିକାରର ବିପର୍ଯ୍ୟୟ ବୋଲି କହିଛନ୍ତି ପ୍ରଧାନ ବିଚାରପତି । ଖୁବ୍‌ଶୀଘ୍ର କେନ୍ଦ୍ର ସରକାର ଏପରି ଲଜ୍ଜାଜନକ ଘଟଣାରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ସୁପ୍ରିମକୋର୍ଟ ନିଜ ଆଡୁ ଏହି ମାମଲାର ଶୁଣାଣି କରିବେ ବୋଲି ସେ ସ୍ପଷ୍ଟ କରିଛନ୍ତି । ଏଥିସହ ଆସନ୍ତା ୨୮ ତାରିଖରେ ସୁପ୍ରିମକୋର୍ଟ ଏହାର ଶୁଣାଣି କରିବେ ବୋଲି ସେ ସ୍ପଷ୍ଟ କରିଛନ୍ତି । ଏଥିସହ ସେ କହିଛନ୍ତି, ସଭ୍ୟ ସମାଜରେ ମହିଳାଙ୍କୁ କେବେ ବି ଦ୍ରବ୍ୟ ହିସାବରେ ବ୍ୟବହାର କରାଯାଇ ପାରିବ ନାହିଁ । ତେଣୁ ଏନେଇ କେନ୍ଦ୍ର ଓ ରାଜ୍ୟ ସରକାର କ'ଣ ସବୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି, ସେ ନେଇ ଟିକିନିଖି ଖବର ସୁପ୍ରିମକୋର୍ଟଙ୍କ ନିକଟରେ ଦାଖଲ କରିବା ଆବଶ୍ୟକ । ଏହି ଘଟଣାର ମୁଖ୍ୟ ଅଭିଯୁକ୍ତଙ୍କୁ ଆଜି ସକାଳେ ଗିରଫ କରାଯାଇଥିବା ବେଳେ ଅନ୍ୟ ଅଭିଯୁକ୍ତଙ୍କୁ ଖୁବ୍ ଶୀଘ୍ର ଗିରଫ କରାଯିବ ବୋଲି କହିଛନ୍ତି ମଣିପୁର ମୁଖ୍ୟମନ୍ତ୍ରୀ ବୀରେନ ସିଂ । ଏଥିସହ ସମସ୍ତ ଅଭିଯୁକ୍ତଙ୍କୁ କଡ଼ା କାର୍ଯ୍ୟାନୁଷ୍ଠାନ ସ୍ୱରୂପ ଫାଶୀ ଖୁଣ୍ଟରେ ଝୁଲାଇବାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ସମସ୍ତ ଚେଷ୍ଟା କରାଯିବ ବୋଲି ସେ ଗଣମାଧ୍ୟମ ସମ୍ମୁଖରେ କହିଛନ୍ତି । ଦୀର୍ଘ ଦୁଇ ମାସରୁ ଊର୍ଦ୍ଧ୍ୱ ସମୟ ଧରି ଚାଲିଥିବା ମଣିପୁର ହିଂସାକାଣ୍ଡକୁ ନେଇ ଆଜି ପ୍ରଥମ ଥର ମୁହଁ ଖୋଲିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ଆଜି ସଂସଦରେ ମୌସୁମୀ ଅଧିବେଶନ ଆରମ୍ଭ ପୂର୍ବରୁ ଏହି ଘଟଣାକୁ ନିନ୍ଦା କରିଛନ୍ତି ପ୍ରଧାନମନ୍ତ୍ରୀ । ଏହି ଘଟଣା ଖୁବ୍ ଯନ୍ତ୍ରଣା ଦେଉଛି କହିବା ସହ ଦୁଷ୍କର୍ମକାରୀଙ୍କୁ କଦାପି ଛଡାଯିବ ନାହିଁ ବୋଲି କହିଛନ୍ତି । ଏଥିସହ ମହିଳାଙ୍କୁ ସୁରକ୍ଷା ଦେବା ପାଇଁ ଆମ ସମସ୍ତଙ୍କୁ ରାଜନୀତିଠୁ ଊର୍ଦ୍ଧ୍ୱକୁ ଯାଇ କାମ କରିବା ଉଚିତ୍ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ତେବେ ଦୁଇ ମାସର ନୀରବତା ପରେ ମଣିପୁର ପ୍ରସଙ୍ଗରେ ହଠାତ୍ ପ୍ରଧାନମନ୍ତ୍ରୀଙ୍କ ଭାଷଣବାଜୀ ସହଜରେ ବିରୋଧୀଙ୍କ ହଜମ ହେଉନି ।

ଲଘୁଚାପ ପ୍ରଭାବରେ ଉପକୂଳରେ ବର୍ଷା ଜାରି

■୧୯ ଜିଲ୍ଲାକୁ ବର୍ଷା ପାଇଁ ୱାର୍ଣ୍ଣିଂ
■୨୪ ରେ ଆଉ ଏକ ଲଘୁଚାପ

ଭୁବନେଶ୍ୱର, ୨୦/୦୭ (ନି.ପ୍ର): ଗତକାଲିର ଘୂର୍ଣ୍ଣିବଳୟ ପ୍ରଭାବରେ ଆଜି (ଗୁରୁବାର) ଉତର-ପଶ୍ଚିମ ପାର୍ଶ୍ୱବର୍ତୀ ଉପକୂଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେଇଛି । ଏହି ଲଘୁଚାପ କ୍ଷେତ୍ର ସହ ଜଡିତ ଘୂର୍ଣ୍ଣିବଳୟ ବାୟୁମଣ୍ଡଳରେ ୭.୬ କିଲୋମିଟର ଉଚ୍ଚତା ଯାଏଁ ସକ୍ରିୟ ରହିଛି । ଏହାର ପ୍ରଭାବରେ ଉପକୂଳ ଓଡିଶାର ବିଭିନ୍ନ ଜିଲ୍ଲାରେ ବର୍ଷା ଜାରି ରହିଛି । ଆଗାମୀ ୫ ଦିନ ଯାଏଁ ରାଜ୍ୟରେ ବର୍ଷାର ବିସ୍ତୃତି ବଢ଼ିବାର ସମ୍ଭାବନା ରହିଛି । ଅନ୍ୟପକ୍ଷରେ ୨୪ ତାରିଖ ବେଳକୁ ଉତର-ପଶ୍ଚିମ ବଙ୍ଗୋପସାଗର ଏବଂ ପାର୍ଶ୍ୱବର୍ତୀ ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପସାଗର ଅଂଚଳରେ ଆଉ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି ବୋଲି ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି । ଆଂଚଳିକ ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ସଦ୍ୟ ସୃଷ୍ଟ ଲଘୁଚାପ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ୨୪ ଘଂଟା ମଧ୍ୟରେ ରାଜ୍ୟର ମାଲକାନଗିରି, କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ, ଗଞ୍ଜାମ, ନୟାଗଡ଼ ଓ ବଲାଙ୍ଗୀର

▶▶ପୃଷ୍ଠା ୭

ପଶ୍ଚିମବଙ୍ଗ ନିର୍ବାଚନ ପରିବର୍ତ୍ତୀ ହିଂସା : ନଡ୍ଡାଙ୍କୁ ରିପୋର୍ଟ ଦେଲା ଅନୁଧ୍ୟାନ କମିଟି

ନୂଆଦିଲ୍ଲୀ/ଭୁବନେଶ୍ୱର,୨୦/୦୭ : ପଶ୍ଚିମବଙ୍ଗ ନିର୍ବାଚନ ପରିବର୍ତ୍ତୀ ହିଂସା ମାମଲାରେ ସରୋଜ ପାଣ୍ଡେଙ୍କ ନେତୃତ୍ୱରେ ଗଠିତ ଅନୁଧ୍ୟାନ କମିଟି ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ ପି ନଡ୍ଡାଙ୍କୁ ରିପୋର୍ଟ ପ୍ରଦାନ କରିଛନ୍ତି । ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀ ଟୁଇଟ୍ କରି ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି ଆଜି ୫ ଜଣିଆ ସାଂସଦ ଟିମ୍ ଜେ ପି ନଡ୍ଡାଙ୍କୁ ସାକ୍ଷାତ କରି ପଶ୍ଚିମବଙ୍ଗ ପରିଦର୍ଶନ ସମ୍ପର୍କିତ ରିପୋର୍ଟ ପ୍ରଦାନ କଲୁ । ପଶ୍ଚିମବଙ୍ଗରେ ପଂଚାୟତ ନିର୍ବାଚନ ସମୟରେ ଏବଂ ପରର ଘଟଣା, ସେଠାକାର ପରିସ୍ଥିତି ସମ୍ପର୍କରେ ଶ୍ରୀ ନଡ୍ଡାଙ୍କୁ ବିସ୍ତୃତ ସୂଚନା ଦେଇଥିବା ଏବଂ ବିସ୍ଫୋରକ ତଥ୍ୟ ମିଳିଥିବା ସେ ଉଲ୍ଲେଖ କରିଛନ୍ତି ।

ଆଜି କ୍ୟାବିନେଟ୍

ଭୁବନେଶ୍ୱର, ୨୦/୦୭ (ନି.ପ୍ର): ଆସନ୍ତକାଲି (ଶୁକ୍ରବାର)ବସିବ ରାଜ୍ୟ କ୍ୟାବିନେଟ୍। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ବସିବ ବୈଠକ । ଏହି ବୈଠକରେ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଉପରେ ମୋହର ବାଜିପାରେ ।

ଗାଡି କାଚ ଭାଙ୍ଗି ଲୁଟି ନେଲେ ଟଙ୍କା

ଭୁବନେଶ୍ୱର, ୨୦/୦୭ (ନି.ପ୍ର): ଗାଡ଼ି କାଚ ଭାଙ୍ଗି ୪୦ ହଜାର ଟଙ୍କା ସହ ଜରୁରୀ କାଗଜପତ୍ର ଲୁଟ୍ ଅଭିଯୋଗ ହୋଇଛି । ଘଟଣା ଘଟିଛି ମାର୍କେଟ ବିଲଡିଂ ନିକଟ ପୁରୁଣା ବସଷ୍ଟାଣ୍ଡ ନିକଟରେ । ଗୁରୁବାର ଅପରାହ୍ନରେ ଦମ୍ପତି ପୁରୁଣା ବସଷ୍ଟାଣ୍ଡ ନିକଟରେ ଗାଡି ରଖି ମାର୍କେଟିଂ କରିବାକୁ ଯାଇଥିବା ବେଳେ ତାଙ୍କ ଗାଡ଼ି କାଚ ଭାଙ୍ଗି ଲୁଟ୍ କରି ଲୁଟେରା ଫେରାର ହୋଇଯାଇଛି । ଘଟଣାସ୍ଥଳରେ କ୍ୟାପିଟାଲ ଥାନା ପୋଲିସ ତନାଘନା ଆରମ୍ଭ କରିଛି ।

ଭୟଙ୍କର ଭୂସ୍ଖଳନ: ୧୩ ମୃତ

ନୂଆଦିଲ୍ଲୀ, ୨୦/୦୭ : ଲଗାଣ ବର୍ଷା ଯୋଗୁ ମହାରାଷ୍ଟ୍ରର ରାଇଗଡ଼ ଜିଲ୍ଲାରେ ଭୟଙ୍କର ଭୂସ୍ଖଳନ ହୋଇଛି । ଏଥିରେ ୧୩ ଜଣ ମୃତ୍ୟୁ ହୋଇଥିବା ବେଳେ ୧୦୦ରୁ ଅଧିକ ଲୋକ ଏବେ ବି ମାଟି ତଳେ ଫସି ରହିଥିବା ଆଶଙ୍କା କରାଯାଉଛି । ଗୁରୁବାର ଭୋର ସମୟରେ ଭୂସ୍ଖଳନ ହୋଇଥିଲା । କିନ୍ତୁ ଏଯାଏ ଉଦ୍ଧାର କାର୍ଯ୍ୟ ଶେଷ ହୋଇ ପାରିନି । ଏହି ପ୍ରାକୃତିକ ବିପର୍ଯ୍ୟୟ ଯୋଗୁ ପ୍ରାୟ ୪୮ଟି ପରିବାରର ଲୋକ ପ୍ରଭାବିତ ହୋଇଛନ୍ତି । ଉଦ୍ଧାର କାର୍ଯ୍ୟ ଜାରି ରହିଥିବା ବେଳେ ଘଟଣା ସ୍ଥଳରୁ ବିଚଳିତ କରିବା ଭଳି ଫଟୋ ଆସିଛି । ଅନେକ ଘର ଭୁଶୁଡ଼ି ପଡ଼ିଥିବା ବେଳେ ଜିନିଷପତ୍ର ନଷ୍ଟ ହୋଇଯାଇଛି । ମାଟି ତଳୁ ନିଜର ପ୍ରିୟଜନଙ୍କୁ ଜୀବିତ ଉଦ୍ଧାର କରିବା ପାଇଁ ଲୋକମାନେ ଡହଳ ବିକଳ ହେବାରେ ଲାଗିଛନ୍ତି । ପାହାଡ଼ିଆ ଅଞ୍ଚଳରେ ଭୂସ୍ଖଳନ ହୋଇଥିବାରୁ ବିଶେଷଜ୍ଞ ଟିମକୁ ଉଦ୍ଧାର କାର୍ଯ୍ୟରେ ଲଗା ଯାଇଛି ।

▶▶ପୃଷ୍ଠା ୭

ସମ୍ବଲପୁରରେ ବର୍ଷେ ପାଇଁ ସମସ୍ତ ଧାର୍ମିକ ଶୋଭାଯାତ୍ରା ବନ୍ଦ

ସମ୍ବଲପୁର, ୨୦/୦୭ (ନି.ପ୍ର): ସମ୍ବଲପୁରରେ ବର୍ଷେ ପାଇଁ ସମସ୍ତ ଧାର୍ମିକ ଶୋଭାଯାତ୍ରାକୁ ବନ୍ଦ କରାଯାଇଛି । ଶାନ୍ତି କମିଟି ବୈଠକରେ ହୋଇଛି ଏହି ନିଷ୍ପତ୍ତି । ସମ୍ବଲପୁର ଏସପି ମୁକେଶ ଭାମୁ ଏହି ସୂଚନା ଦେଇଛନ୍ତି । ସମ୍ବଲପୁର ସହରରେ ହନୁମାନ ଜୟନ୍ତୀ ଓ ମହରମ ଅବସରରେ ବିଶାଳ ଶୋଭାଯାତ୍ରାର ଆୟୋଜନ ହୋଇଥାଏ । ଆଗକୁ ମହରମ ଆସୁଥିବା ବେଳେ ସେଥିପାଇଁ ଆଜି ପ୍ରଶାସନ ପକ୍ଷରୁ ଏକ ବୈଠକ ଡକାଯାଇଥିଲା । ଜିଲ୍ଲାପାଳ ଓ ଏସ୍‌ପିଙ୍କ ଉପସ୍ଥିତିରେ ବିଭିନ୍ନ ସଂପ୍ରଦାୟକୁ ନେଇ ଗଠିତ ଶାନ୍ତି କମିଟିର ସଦସ୍ୟମାନେ ଏଥିରେ ଉପସ୍ଥିତ ରହିଥିଲେ । ମହରମକୁ କିପରି ଶାନ୍ତିଶୃଙ୍ଖଳାର ସହିତ ପାଳନ କରାଯିବ, ସେନେଇ ବୈଠକରେ ଆଲୋଚନା ହୋଇଥିଲା । ଆଉ ଏହି ବୈଠକରେ ବର୍ଷେ ପାଇଁ ସମସ୍ତ ପ୍ରକାର ଶୋଭାଯାତ୍ରାକୁ ବନ୍ଦ

▶▶ପୃଷ୍ଠା ୭

କଂଗ୍ରେସ ସହ ହାତ ମିଶାଇଲେ ଅଣ ବିଜେପି ଓ ବିଜେଡ଼ି ରାଜନୈତିକ ଦଳ

ଭୁବନେଶ୍ୱର, ୨୦/୦୭ (ନି.ପ୍ର): ରାଜ୍ୟ କଂଗ୍ରେସ ସଭାପତି ଶରତ ପଟ୍ଟନାୟକଙ୍କ ସଭାପତିତ୍ୱରେ ଓଡ଼ିଶାର ସମସ୍ତ ଅଣବିଜେପି ଓ ବିଜେଡ଼ି ରାଜନୈତିକ ଦଳର ଶୀର୍ଷ ନେତୃବୃନ୍ଦ ଭୁବନେଶ୍ୱରଠାରେ ଆୟୋଜିତ ଏକ ବୈଠକରେ ଯୋଗଦାନ କରିଥିଲେ । କଂଗ୍ରେସ ସମେତ ୯ଟି ରାଜନୈତିକ ଦଳର ନେତୃବୃନ୍ଦ ଏହି ବୈଠକରେ ଯୋଗଦେଇଥିଲେ । ବୈଠକର ନିଷ୍ପତି ଅନୁସାରେ ଅଗଷ୍ଟମାସ ପ୍ରଥମ ସପ୍ତାହରେ ଭୁବନେଶ୍ୱର ଠାରେ ସମସ୍ତ ଅଣ ବିଜେଡ଼ି ଓ ଅଣ ବିଜେପି ରାଜନୈତିକ ଦଳ ମାନଙ୍କର ଏକ ରାଜନୈତିକ ସମ୍ମିଳନୀ ହେବ । ସାଂପ୍ରତିକ ଓଡ଼ିଶାର ରାଜନୈତିକ, ଅର୍ଥନୈତିକ ଓ ସାମାଜିକ ପରିସ୍ଥିତିର ଘୋର ଅବକ୍ଷୟ, ଏପରିକି ରାଜ୍ୟର ୨୪ ବର୍ଷର ବିଜେଡ଼ି ସରକାର ଅପାରଗତା ଓ କେନ୍ଦ୍ରର

▶▶ପୃଷ୍ଠା ୭

ରସିକିଆ ଭୂଗୋଳ ସାର: ଛାତ୍ରୀଙ୍କୁ ରୁମକୁ ଡାକୁଥିଲେ, ପାର୍କ ଯିବାକୁ ବାଧ କରୁଥିଲେ

ଭୁବନେଶ୍ୱର, ୨୦/୦୭ (ନି.ପ୍ର): ରସିକିଆ ଭୂଗୋଳ ସାରଙ୍କ ବେହିସାବ କାରନାମା । ଜଣେ ଛାତ୍ରୀଙ୍କୁ ପ୍ରେମ ନିବେଦନ କରୁଥିଲେ । କେହି ନଥିବା ବେଳେ ଘରକୁ ଏକୁଟିଆ ଡାକୁଥିଲେ । ଏପରିକି ତାଙ୍କୁ ପ୍ରେମ ନ କଲେ ପରୀକ୍ଷାରେ ଫେଲ୍ କରି ଦେବାକୁ ତାଙ୍କୁ ଧମକ ଦେଉଥିଲେ।। ଏନେଇ ଛାତ୍ରୀ ଜଣଙ୍କ ଥାନାରେ ଦ୍ୱାରସ୍ଥ ହେବାରୁ ରସିକିଆ ଶିକ୍ଷକଙ୍କୁ ପୁଲିସ ଅଟକ ରଖି ପଚରାଉଚରା କରୁଛି । ଘଟଣାଟି କୌଣସି ଉପାନ୍ତ ଅଞ୍ଚଳର ନୁହେଁ, ରାଜଧାନୀ ଭୁବନେଶ୍ୱରରେ ଏହା ଘଟିଛି । ଭୁବନେଶ୍ୱରର ଭରତପୁରରେ ଥିବା ଏକ ଘରୋଇ ସ୍କୁଲର ରସିକିଆ ଶିକ୍ଷକ ଦେବୁ (ଛଦ୍ମନାମ) ଛାତ୍ରଛାତ୍ରୀଙ୍କୁ ଭୂଗୋଳ ପଢ଼ାନ୍ତି । ଏହି ବିଦ୍ୟାଳୟକୁ ପଢ଼ିବାକୁ ଆସୁଥିବା ଜଣେ ଛାତ୍ରୀଙ୍କ ପ୍ରେମରେ ସେ ପଡ଼ିଯାଇଥିଲେ । ଛାତ୍ରୀ ଜଣଙ୍କୁ ଡାକି ପ୍ରଥମେ ପ୍ରେମ ନିବେଦନ କରିଥିଲେ । ପରେ ପାର୍କ ଯିବାକୁ ବାଧ କରିବା ସହ ସ୍କୁଲ ବେଞ୍ଚରେ ଅସଭ୍ୟ ଭାଷା ଲେଖିବା ନେଇ ଅଭିଯୋଗ କରିଛନ୍ତି ଛାତ୍ରୀ । ଏହାସହ ପ୍ରେମ ନକଲେ ପରୀକ୍ଷାରେ ଫେଲ୍ କରାଇ ଦେବାକୁ ଧମକ ଦେଉଥିଲେ । ପରୀକ୍ଷାରେ ଆଗୁଆ ନୋଟ୍ ବୁକ୍ ଦେଇ ଛାତ୍ରୀଙ୍କୁ ପ୍ରେମ ଭିକ୍ଷା କରୁଥିଲେ ରସିକିଆ ଶିକ୍ଷକ । ରସିକିଆ ଶିକ୍ଷକଙ୍କ କାରନାମା ଏତିକିରେ ଶେଷ ହୋଇନଥିଲା । ଘରେ ନଥିବା ବେଳେ ଛାତ୍ରୀଙ୍କୁ ନିଜ ଘରକୁ ଯିବାକୁ ବାଧ କରୁଥିଲେ । ଗୋଟେ ମାସ ହେବ ରସିକିଆ ଶିକ୍ଷକ ଛାତ୍ରୀଙ୍କୁ ହଇରାଣ କରି ଆସୁଥିଲେ । ଛାତ୍ରୀ ଜଣଙ୍କ ସାରଙ୍କ ଥାନାଲୟରେ ଅତିଷ୍ଠ ହୋଇ

▶▶ପୃଷ୍ଠା ୭

୨୩ରେ ହୀରାକୁଦ ଡ୍ୟାମରୁ ଛଡ଼ାଯିବ ପ୍ରଥମ ବନ୍ୟାଜଳ

ସମ୍ବଲପୁର, ୨୦/୦୭ (ନି.ପ୍ର): ଆସନ୍ତା ୨୩ ତାରିଖ (ରବିବାର) ସକାଳ ୯ଟାରେ ହୀରାକୁଦ ଡ୍ୟାମ୍‌ରୁ ଛଡ଼ାଯିବ ଚଳିତ ବର୍ଷର ପ୍ରଥମ ବନ୍ୟାଜଳ । ଡ୍ୟାମ୍ କର୍ତ୍ତୃପକ୍ଷ ବିଜ୍ଞପ୍ତି ଜାରି କରି ଏହି ସୂଚନା ଦେଇଛନ୍ତି । ଉପର ମୁଣ୍ଡରେ ବର୍ଷା ଯ

କେନ୍ଦୁଝର ଷଷ୍ଠ ଜିଲ୍ଲା ପରିଷଦର ପଂଚମ ଅଧିବେଶନ ଅନୁଷ୍ଠିତ

କେନ୍ଦୁଝର, ୨୦/୦୭ (ନି.ପ୍ର): କେନ୍ଦୁଝର ଜିଲ୍ଲା ଷଷ୍ଠ ଜିଲ୍ଲା ପରିଷଦର ପଂଚମ ଅଧିବେଶନ ଚଳିତ ଜୁଲାଇ ୧୯ ତାରିଖ ବୁଧବାର ଦିନ ଜିଲ୍ଲା ପରିଷଦ ଅଧକ୍ଷା ଶ୍ରୀମତୀ ସାଗରିକା ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଅଧିବେଶନରେ ପାଟଣା ବିଧାୟକ ତଥା ଜିଲ୍ଲା ଯୋଜନା କମିଟି ଅଧକ୍ଷ ଜଗନ୍ନାଥ ନାଏକ,ସାଂସଦ (ଲୋକସଭା) ସୁଶ୍ରୀ ଚନ୍ଦ୍ରାଣୀ ମୁର୍ମୁ,ଘଷିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର,ତେଲକୋଇ ବିଧାୟକ ପ୍ରେମାନନ୍ଦ ନାୟକ,କେନ୍ଦୁଝର ବିଧାୟକ ମୋହନ ଚରଣ ମାଝୀ,ଆନନ୍ଦପୁର ବିଧାୟକ ଭାଗିରଥି ସେଠୀ,ଚଖୁଆ ବିଧାୟିକା ଶ୍ରୀମତୀ ମିନାକ୍ଷୀ ମହାନ୍ତ,ଜିଲ୍ଲାପାଳ ଆଶିଷ ଠାକରେ,ଉପାଧକ୍ଷ ଜିଲ୍ଲା ପରିଷଦ ସୋମନାଥ ଦାସ,ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ,ପଂଚାୟତ ସମିତି ଅଧକ୍ଷ /ଅଧକ୍ଷା,ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ଜିଲ୍ଲାପାଳ ଆଶିଷ ଠାକରେ ସ୍ୱାଗତ ସମ୍ଭାଷଣ କରିଥିଲେ । ପ୍ରାରମ୍ଭରେ ଜିଲ୍ଲା ପରିଷଦ ଅଧକ୍ଷା ଶ୍ରୀମତୀ ସାହୁ ଉଦ୍‌ବୋଧନ ଦେଇ କହିଥିଲେ ଯେ ଜିଲ୍ଲାର ସାମଗ୍ରିକ ବିକାଶ ସଂପର୍କରେ ଆଲୋଚନା ଓ ପର୍ଯ୍ୟାଲୋଚନା କରିବା ପାଇଁ ଜିଲ୍ଲା ପରିଷଦ ଅଧିବେଶନ ସୁଯୋଗ ଆଣିଛି । ଜିଲ୍ଲାରେ ଚାଲିଥିବା ବିଭିନ୍ନ ଯୋଜନା ଓ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମର ସଠିକ୍ ରୂପାୟନ ହେଲେ ଜିଲ୍ଲାର ପ୍ରଭୂତ ଉନ୍ନତି ହୋଇପାରିବ ଏବଂ ଲୋକମାନେ ଉପକୃତ ହୋଇପାରିବେ । ଏଣୁ ବିଭିନ୍ନ ବିଭାଗୀୟ ଅଧିକାରୀ ଓ ଲୋକ ପ୍ରତିନିଧିମାନେ ତୃଣମୂଳସ୍ତରରୁ ଉତମ ସମନ୍ୱୟ ରକ୍ଷା କରି ଜନସାଧାରଣଙ୍କ ହିତ ପାଇଁ କର୍ତବ୍ୟ ପାଳନ କରିବାକୁ ନିବେଦନ କରିଥିଲେ । ଗତ ତା୦୯.୦୩.୨୦୨୩ରିଖରେ ଅନୁଷ୍ଠିତ ହୋଇଥିବା ବୈଠକ ବିବରଣୀର ଦୃଢୀକରଣ କରାଯାଇଥିଲା । ଏହା ପରେ କାର୍ଯ୍ୟସୂଚୀ ଅନୁଯାୟୀ ଆଲୋଚନା ଆରମ୍ଭ କରାଯାଇଥିଲା । ଖରିଫ ଋତୁ ଆରମ୍ଭ ହୋଇଯାଇଥିବା ପରିପ୍ରେକ୍ଷୀରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗର କାର୍ଯ୍ୟାବଳୀ ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ଜିଲ୍ଲାର ବିଭିନ୍ନ ବ୍ଲକ୍‌ରେ ଜୁନ୍ ମାସଠାରୁ ଏଯାବତ୍ ହୋଇଥିବା ହାରାହାରି ବୃଷ୍ଟିପାତ ସଂପର୍କରେ ସମୀକ୍ଷା କରାଯାଇ ନିଅଂଟିଆ ବୃଷ୍ଟିପାତ ହୋଇଥିବା ଅଂଚଳରେ କିପରି ଚାଷ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଇପାରିବ, ସେ ସଂପର୍କରେ ଆଲୋଚନା ହୋଇଥିଲା । ଚାଷୀମାନଙ୍କୁ ଯଥା ସମୟରେ ଧାନବିହନ, ଡି.ଏ.ପି., ପଟାସ ସାର, ୟୁରିଆ ସାର ଯୋଗାଇବା ପାଇଁ ବୈଠକର ଆଲୋଚନା ମତେ ଜିଲ୍ଲାପାଳ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏତଦ୍‌ବ୍ୟତୀତ ସାର ବିକ୍ରୟ କେନ୍ଦ୍ରମାନଙ୍କରେ ସାରର ଦାମ ସୂଚୀତ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା । ବିଶେଷ କରି ମାଣ୍ଡିଆ ଜାତୀୟ ପୃଷ୍ଟି ଶସ୍ୟରେ ଅଧିକ ଗୁଣବତା ଥିବାରୁ ଜିଲ୍ଲାରେ ମାଣ୍ଡିଆ ଜାତୀୟ ଚାଷ ଉପରେ ଅଧିକ ପ୍ରୋତ୍ସାହନ ଦେବାକୁ ଓ ଏ ଦିଗରେ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ଜଳ ବିଭାଜିକା ବିଭାଗର କାର୍ଯ୍ୟକ୍ରମ ସଂପର୍କରେ ବୈଠକରେ ସମୀକ୍ଷା କରାଯାଇ ବିଭିନ୍ନ ବ୍ଲକ୍‌ରେ କାର୍ଯ୍ୟକାରୀ ହେଉଥିବା ଜଳ ଅମଳ ପ୍ରକଳ୍ପ, କାନ୍ଥ ଚାଷ, କ୍ଷେତ ପୋଖରୀ, ଓମ୍ବାଡିସି ଓ ଡି.ଏମ୍.ଏଫ୍. ଅନୁଦାନରେ ହାତକୁ ନିଆଯାଇଥିବା ପ୍ରକଳ୍ପ ଇତ୍ୟାଦି କାର୍ଯ୍ୟକ୍ରମର କାର୍ଯ୍ୟାନ୍ୱୟନ ଉପରେ ସମୀକ୍ଷା କରାଯାଇଥିଲା । ୨୦୨୩-୨୪ ବର୍ଷରେ କଫି ମିଶନ ଅନ୍ତର୍ଗତ କାର୍ଯ୍ୟକ୍ରମର ସମୀକ୍ଷା କରାଯାଇ ବାଂଶପାଳ ବ୍ଲକ ଅଂଚଳ ସମେତ ଅନୁକୂଳ ପରିବେଶ ଥିବା ଅଂଚଳରେ କଫି ଚାଷ ସଂପ୍ରସାରଣ କରିବାକୁ ବିହିତ ପଦକ୍ଷେପ ନେବା ନିମନ୍ତେ ଜଳ ବିଭାଜିକାର ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ଜିଲ୍ଲାରେ ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ମତ୍ସ୍ୟ ବିଭାଗ ଦ୍ୱାରା ପରିଚାଳିତ ବିଭିନ୍ନ କାର୍ଯ୍ୟକ୍ରମ, ବିଭିନ୍ନ ପ୍ରକାର ଯାଅଁଳ ଉତ୍ପାଦନ, ଯାଅଁଳ ଯୋଗାଣ, ମତ୍ସ୍ୟ ଉତ୍ପାଦନ, ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ଗ୍ରାମ ପଂଚାୟତ ପୋଖରୀରେ ମାଛ ଚାଷ, ମତ୍ସ୍ୟଜିବୀ ଓ ମତ୍ସ୍ୟ ଚାଷୀମାନଙ୍କ ପାଇଁ ଗୋଷ୍ଠୀ ଦୁର୍ଘଟଣା ବୀମା ଯୋଜନା, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ମତ୍ସ୍ୟ କାର୍ଯ୍ୟକ୍ରମ ଆବର୍ତନ ପାଣ୍ଠି, ମତ୍ସ୍ୟଜିବୀ ପରିବାରର ଦଶମ ଉତିନ୍ନ ଛାତ୍ରଛାତ୍ରୀଙ୍କୁ ମେଧାବୃତି ପ୍ରଦାନ, କ୍ଷେତ ପୋଖରୀରେ ମାଛ ଚାଷ ସଂପର୍କରେ ସମୀକ୍ଷା କରାଯାଇ ଉପଯୁକ୍ତ ସମୟରେ ଚାଷୀମାନଙ୍କୁ ମାଛ ଯାଅଁଳ ଯୋଗାଇଦେବାକୁ ସଂପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ଉଦ୍ୟାନ କୃଷି ବିଭାଗର ୨୦୨୩-୨୪ ବର୍ଷ ପାଇଁ ପ୍ରସ୍ତୁତ ହୋଇଥିବା ଯୋଜନା ଓ ତାହାର କାର୍ଯ୍ୟାନ୍ୱୟନ ସଂପର୍କରେ ସମୀକ୍ଷା କରାଯାଇଥିଲା । ଜାତୀୟ କୃଷି ମିଶନ ଓ ରାଜ୍ୟ ଯୋଜନା ଅନ୍ତର୍ଗତ ପନିପରିବା ଚାଷ, ମସଲା ମିଶନ, ପ୍ରଧାନ ମନ୍ତ୍ରୀ କୃଷି ସଂଚନ ଯୋଜନା, ରାଷ୍ଟ୍ରିୟ କୃଷି ବିକାଶ ଯୋଜନା, ଓଡିଶା ସମନ୍ୱିତ ଜଳସେଚନ ପ୍ରକଳ୍ପରେ ଜଳବାୟୁ ସମ୍ବେଦନଶୀଳ କୃଷି କାର୍ଯ୍ୟ ଉପରେ ସମୀକ୍ଷା କରାଯାଇ ଯୁବପିଢୀଙ୍କୁ କୃଷି ପ୍ରତି ଆକର୍ଷିତ କରିବା ପାଇଁ ପଲି ହାଉସ କୃଷି ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ଜିଲ୍ଲାରେ ସୌରଶକ୍ତି ଚାଳିତ ଶୀତଳ ଭଣ୍ଡାର ସଂଖ୍ୟା ବୃଦ୍ଧି କରାଯିବ ବୋଲି ଜିଲ୍ଲାପାଳ ଶ୍ରୀ ଠାକରେ କହିଥିଲେ । ପ୍ରାଣୀ ସଂପଦ ବିଭାଗର କାର୍ଯ୍ୟାବଳୀ ଯଥା କୁକୁଡା, ଛେଳି ପାଳନ ସଂପର୍କରେ ସମୀକ୍ଷା କରାଯାଇଥିଲା ।

ଓଡ଼ିଶାରେ ବିଦ୍ୟାଳୟ ଶିକ୍ଷା ବ୍ୟବସ୍ଥା ଅତ୍ୟନ୍ତ ଉଦ୍‌ବେଗଜନକ ଓ ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ : ବିଜେପି

ଭୁବନେଶ୍ୱର, ୨୦/୦୭ (ନି.ପ୍ର): ଓଡ଼ିଶାରେ ବିଦ୍ୟାଳୟ ଶିକ୍ଷା ଓ ହଜାର ହଜାର ଛାତ୍ରଛାତ୍ରୀଙ୍କର ଭବିଷ୍ୟତକୁ ରାଜ୍ୟ ସରକାର ହତ୍ୟା କରୁଛନ୍ତି । ସୁବର୍ଣ୍ଣପୁର ଜିଲ୍ଲା ବିନିକା ଏନଏସିର ୧୨ନଂ ୱାର୍ଡ ନୂଆପାଲ୍ଲୀ ପ୍ରାଥମିକ ବିଦ୍ୟାଳୟରେ ସାମାନ୍ୟ ବର୍ଷାରେ ଶ୍ରେଣୀ ଗୃହରେ ପାଣି ଭରିଯିବାରୁ ଛାତ୍ରଛାତ୍ରୀମାନେ ଇଟା ଉପରେ ବସି ପାଠ ପଢୁଥିବା ଘଟଣା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। କେବଳ ସୁବର୍ଣ୍ଣପୁରରେ ନୁହେଁ ବରଂ ଏଭଳି ସ୍ଥିତି ରାଜ୍ୟର ଅନେକ ସ୍ଥାନରେ ଦେଖିବାକୁ ମିଳୁଛି । ଶିକ୍ଷା କ୍ଷେତ୍ରରେ ସର୍ବ ଭାରତୀୟସ୍ତରରେ ଓଡ଼ିଶାର ସ୍ଥାନ ୨୪ନଂରେ ପଂହଚିଛି । ୫-ଟି ରୂପାନ୍ତରଣ ନାମରେ ବିଦ୍ୟାଳୟଗୁଡିକୁ ବିଜେଡି ନେତା ଓ ଠିକାଦାରମାନଙ୍କର 'ଟଙ୍କା ଲୁଟ୍'ର ମାଧ୍ୟମ କରାଯାଇ କୋଟି କୋଟି ଟଙ୍କା ଲୁଟ୍ କରାଯାଉଛି ବୋଲି ରାଜ୍ୟ ବିଜେପି ମୁଖପାତ୍ର ତେଜେଶ୍ୱର ପରିଡା କହିଛନ୍ତି । ପୁରୀ ଜିଲ୍ଲା ବଳଙ୍ଗା ନୋଡାଲ ହାଇସ୍କୁଲକୁ ବର୍ଷକ ତଳେ ମୁଖ୍ୟମନ୍ତ୍ରୀ ଉଦଘାଟନ କରିଥିଲେ କିନ୍ତୁ ବର୍ଷେ ନପୁରୁଣୁ ଶ୍ରେଣୀଗୃହ ଛାତରୁ ପାଣିଗଳିବା, ସିଲିଂ ଖସିବା ସହ କାନ୍ଥ ଭୂଷୁଡି ପଡିଛି । ସେହିପରି ମୁଖ୍ୟମନ୍ତ୍ରୀଙ୍କ ନିଜ ଜିଲ୍ଲା ଗଞ୍ଜାମ ବୁଗୁଡାର ମହାମାୟୀ ହାଇସ୍କୁଲରେ ନବମ ଶ୍ରେଣୀର ମୋଟ ୧୪୫ପିଲାଙ୍କୁ ମାତ୍ର ଜଣେ ଶିକ୍ଷକ ପାଠ ପଢ଼ାଉଛନ୍ତି । ରାଜ୍ୟ ସରକାର ସର୍ବାଧିକ ରାଜସ୍ୱ ପାଉଥିବା କେନ୍ଦୁଝର ଜିଲ୍ଲା ବଡହଳ ସ୍ଥିତ ୫-ଟି ରୂପାନ୍ତରିତ 'କଲେଜ ରୋଡ ହାଇସ୍କୁଲ'ରେ ୫୫ଜଣ ଛାତ୍ରଛାତ୍ରୀଙ୍କ ପାଇଁ ଜଣେ ମାତ୍ର ହିନ୍ଦୀ ଶିକ୍ଷକ ପିଲାମାନଙ୍କୁ ବିଜ୍ଞାନ, ଗଣିତ, ଇଂରାଜୀ ଇତ୍ୟାଦି ପାଠ ପଢାଉଥିବା ଘଟଣା ସାମ୍ନାକୁ ଆସିଛି । ଏହା କେଉଁ ପ୍ରକାରର ୫-ଟି ରୂପାନ୍ତରଣ ମଡେଲ ଶିକ୍ଷା ବ୍ୟବସ୍ଥା ବୋଲି ପ୍ରଶ୍ନ କରିବା ସହିତ ରାଜ୍ୟ ସରକାର ୫-ଟି ରୂପାନ୍ତରଣ ନାଁରେ ରାଜନୈତିକ ଫାଇଦା ନେବା ପାଇଁ ଚାଲିଥିବା ସାଙ୍ଘାତିକ ମିଛ ପଦାରେ ପଡିଛି ବୋଲି ଶ୍ରୀ ପରିଡା କହିଛନ୍ତି । ଖାଲି ସେତିକି ନୁହେଁ ବିଜୁଳି ସଂଯୋଗ ନଥିବା ବିଦ୍ୟାଳୟ ସଂଖ୍ୟା ହେଉଛି ୧୧୭୧୦, ଖେଳପଡିଆ ନଥିବା ବିଦ୍ୟାଳୟ ସଂଖ୍ୟା ୨୧୦୬୫, କମ୍ପ୍ୟୁଟର ନଥିବା ବିଦ୍ୟାଳୟ ସଂଖ୍ୟା ହେଉଛି ୪୧୯୯୬, ଆବଶ୍ୟକୀୟ ଶ୍ରେଣୀଗୃହ ନଥିବା ବିଦ୍ୟାଳୟ ସଂଖ୍ୟା ହେଉଛି ୬୭୮୧ ଏବଂ ଛାତ୍ରଛାତ୍ରୀ ଅନୁପାତରେ ଶିକ୍ଷକ ନଥିବା ବିଦ୍ୟାଳୟ ସଂଖ୍ୟା ହେଉଛି ୬୦୧୧ । ନିଜେ ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ ବିଧାନସଭାରେ ଦେଇଥିବା ଏହି ତଥ୍ୟ ରାଜ୍ୟ ଶିକ୍ଷା ବ୍ୟବସ୍ଥାର ଅତ୍ୟନ୍ତ ଦୟନୀୟ ସ୍ଥିତିକୁ ବର୍ଣ୍ଣନା କରୁଛି ବୋଲି ଶ୍ରୀ ପରିଡା କହିଛନ୍ତି । କେବଳ ରାଜଧାନୀ ଭୁବନେଶ୍ୱରରେ ଗତ ୮ବର୍ଷ ମଧ୍ୟରେ ୫୯ଟି ସରକାରୀ ସ୍କୁଲ ବନ୍ଦ ହେବା ଏବଂ ୨୦୦୦ମସିହାଠାରୁ ଭୁବନେଶ୍ୱରରେ ମାତ୍ର ୧୧ଟି ସରକାରୀ ବିଦ୍ୟାଳୟ ଖୋଲିଥିବା ବେଳେ ୨୦୩ଟି ଘରୋଇ ବିଦ୍ୟାଳୟ ଖୋଲିଛି । ପ୍ରାୟ ୪୫ଲକ୍ଷ ଟଙ୍କା ଖର୍ଚ୍ଚ ହୋଇ ୫-ଟି ରୂପାନ୍ତରଣ କରିବା ପରେ ୟୁନିଟ୍-୨ ସ୍କୁଲ ବନ୍ଦ କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ । ୟୁନିଟ୍-୯ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ସ୍ଥାନାନ୍ତର କରିବା ଷଡଯନ୍ତ୍ର କାହା ସ୍ୱାର୍ଥରେ ରାଜଧାନୀରେ ମୂଲ୍ୟବାନ ଜମିକୁ ଡିଏନ ଗ୍ରୁପ ଭଳି ଘରୋଇ ସଂସ୍ଥାକୁ ଟେକି ଦେଇଥିବା ରାଜ୍ୟ ସରକାର ବିଶ୍ୱବିଦ୍ୟାଳୟ ପାଇଁ ଜମି ନଦେଇପାରିବା ସରକାରୀ ଆନ୍ତରିକତାର ଅଭାବକୁ ଦର୍ଶାଉଛି ।

ଜାତୀୟ ଭଲିବଲ ଖେଳାଳୀଙ୍କୁ ସମ୍ବର୍ଦ୍ଧନା

କେନ୍ଦ୍ରାପଡ଼ା, ୨୦/୦୭ (ନି.ପ୍ର): ଜାତୀୟ ଭଲିବଲ ଦଳରେ ସାମିଲ ହେଇଥିବା କେନ୍ଦ୍ରାପଡାର ଯୁବକ ମହମ୍ମଦ ରାଜାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ଏନେଇ କେନ୍ଦ୍ରାପଡା ହାଇସ୍କୁଲ ପଡିଆରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ପୌରାଧକ୍ଷା ସରିତା ସାହୁ ଅଧକ୍ଷତା କରିଥିବା ବେଳେ ଜିଲ୍ଲା ପରିଷଦ ଅଧକ୍ଷା ଗୀତାଞ୍ଜଳୀ ସେଠୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ଖେଳ ଶିକ୍ଷକ ଜ୍ୟୋର୍ତିମୟୀ ଦାସ, କାଉନସିଲର ସେକ ଆସଲମ, ଉମେଶ ନାୟକ, ପ୍ରଦିପ ନାୟକ, ଦେବେନ୍ଦ୍ର କିଶୋର ସାହୁ ପ୍ରମୁଖ ଉପସ୍ଥି ଥିଲେ । ଜିଲ୍ଲା ପରିଷଦ ଅଧକ୍ଷା ଶ୍ରୀମତୀ ସେଠୀ କୃତୀ କ୍ରୀଡାବିତ୍ ମହମ୍ମଦ ରାଜାଙ୍କ ଉତରୋତର ଉନ୍ନତି କାମନା କରିବା ସହ ସେ ଜାତୀୟ ଦଳରେ ସାମିଲ ହୋଇ ଓଡିଶା ତଥା କେନ୍ଦ୍ରାପଡାର ସମ୍ମାନ ବୃଦ୍ଧି କରିଥିବା ପ୍ରକାଶ କରିଥିଲେ । ବାହାରିନ ଠାରେ ଅନୁଷ୍ଠିତ ୨୧ ବର୍ଷରୁ କମ ଆନ୍ତର୍ଜାତୀୟ ଭଲିବଲ ଚମ୍ପିଆୟସିପ୍ ରେ ଖେଳିବା ପାଇଁ ଯାଇ ଫେରିବା ପରେ ଆଜି ଦୁହୁରିଆ ଠାରୁ ଏକ ଶୋଭାଯାତ୍ରାରେ ପାଛୋଟି ଅଣା ଯାଇଥିଲା । ପ୍ରଥମେ ସାଂନ୍ଧ୍ୟ ମହାବିଦ୍ୟାଳୟ ରେ ତାଙ୍କୁ ସମ୍ବର୍ଦ୍ଧନା ଦିଆଯିବା ପରେ ତିନିମୁହାଣୀ, ନୂଆ ବସଷ୍ଟାଣ୍ଡ, ପୁରୁଣା ବସଷ୍ଟାଣ୍ଡ ପ୍ରଭୃତି ଅଂଚଳରେ ତାଙ୍କୁ ବିପୁଳ ସମ୍ବର୍ଦ୍ଧନା ପ୍ରଦାନ ସହ ହାଇସ୍କୁଲ ପଡିଆକୁ ପାଛୋଟି ଅଣା ଯାଇଥିଲା । ହାଇସ୍କୁଲ ପଡିଆରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମାଜସେବୀ ରାଜେଶ ପଣ୍ଡା, ସେକ ହଲିମ, ସେକ ଇନାୟତ, ମହମ୍ମଦ ଅମୀର, ଅକମଲ ଅଲ୍ଲୀ, ସେକ ମତୁଙ୍କ ସହ ବହୁ କ୍ରୀଡାବିତ୍ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

ଉଚ୍ଚା ପୋଲ ନିର୍ମାଣ ସହିତ ଅସମ୍ପୂର୍ଣ୍ଣ ଆପ୍ରୋଚ ରୋଡ଼କୁ ନେଇ ଗ୍ରାମବାସୀଙ୍କ ଅଭିଯୋଗ

କୋରେଇ, ୨୦/୦୭ (ନି.ପ୍ର): ସରକାର ଗମନା ଗମନ କ୍ଷେତ୍ରରେ ପ୍ରଧାନ ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ସଡକ ଯୋଜନାରେ ୧୩ରୁ ଉର୍ଦ୍ଧ୍ୱ ରାସ୍ତାର ନିର୍ମାଣ କାର୍ଯ୍ୟ ଚାଲୁଥିବା ବେଳେ ବହୁ ଗ୍ରାମ୍ୟ ରାସ୍ତା/ପୋଲ କାର୍ଯ୍ୟ ଏବେବି ଅସମ୍ପୂର୍ଣ୍ଣ ଅବସ୍ଥାରେ ପଡିରହିଛି ।ରାସ୍ତାର ଅବସ୍ଥା ଏତେ ଶୋଚନୀୟ ହୋଇପଡିଛି ଯେ ରାସ୍ତାରେ ପାଦରେ ଚାଲିକି ଯିବା ମଧ୍ୟ କଷ୍ଟକର ବ୍ୟାପାର ହୋଇଛି ।ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ଯାଜପୁର ଜିଲ୍ଲା କୋରେଇ ବ୍ଲକ ଗୋଳେଇପୁର ପଂଚାୟତ ଅନ୍ତର୍ଗତ ସୋତି ଗ୍ରାମ ସହିତ ମିର୍ଜାପୁର ଗ୍ରାମକୁ ସଂଯୋଗ କରୁଥିବା ରାସ୍ତା ଉପରେ ଏକ ନିର୍ମାଣାଧିନ ପୋଲକୁ ନେଇ ବିବାଦ ଦେଖାଦେଇଛି । ଏ ସଂକ୍ରାନ୍ତରେ ଗ୍ରାମବାସୀଙ୍କ ପକ୍ଷରୁ ଜିଲ୍ଲାପାଳଙ୍କ ଅଭିଯୋଗ କେନ୍ଦ୍ରରେ ଅଭିଯୋଗ ଦାଖଲ ହୋଇଥିଲେ ମଧ୍ୟ ପ୍ରଶାସନ ତରଫରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ । ବରଂ ଅର୍ଦ୍ଧନିର୍ମିତ କାର୍ଯ୍ୟ କରି ସଂପୃକ୍ତ ଠିକାଦାର ଛୁ ମାରିଥିବାରୁ କାର୍ଯ୍ୟ ସମାପ୍ତ କେବେ ହେବ ଏନେଇ ଗ୍ରାମବାସୀଙ୍କ ମନରେ ସନ୍ଦେହ ଉପୁଜିଛି ।ସୂଚନା ଅନୁଯାୟୀ ୧୬ନମ୍ବର ଜାତୀୟ ରାଜପଥରୁ ବାହାରି ଚାନ୍ଦପୁର ଦାମୋଦରପୁର ,ବାଟୁଳ, ସୋତି.ମିର୍ଜାପୁର ଗ୍ରାମ ଦେଇ ବଡ଼ବିରୁହାଁ ପଂଚାୟତକୁ ସଂଯୋଗ କରୁଥିବା ଗ୍ରାମ୍ୟ ଉନ୍ନୟନ ବିଭାଗର ଏକ ରାସ୍ତା ରହିଛି । ଉକ୍ତ ରାସ୍ତା ମଧ୍ୟ ଦେଇ ଗୋଳେଇପୁର ପଂଚାୟତ ଅନ୍ତର୍ଗତ ,ଶଗଡି, କେଳାଗାଡ଼ିଆ, ସୋତି,ବାଟୁଳ ଆଦି ଗ୍ରାମର ପିଲାମାନେ ହାଟସାହି ବଜାରରେ ଥିବା ଗୋଳେଇପୁର ଉଚ୍ଚ ବିଦ୍ୟାଳୟକୁ ନିୟମିତ ପାଠ ପଢ଼ିବା ଲାଗି ଯାଇଥାନ୍ତି । ଏତଦ୍ ବ୍ୟତୀତ ଗ୍ରାମର ଜନସାଧାରଣଙ୍କ ହେକ୍ଟର ହେକ୍ଟର ଚାଷ ଜମି ଉକ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ଅବସ୍ଥିତ ଥିବାରୁ ପ୍ରତ୍ୟେକ ଦିନ ଚାଷ କାର ?ୟ ନିମନ୍ତେ ଗ୍ରାମର ଚାଷୀ ମାନେ ଉକ୍ତ ରାସ୍ତା ଉପର ଦେଇ ନିଜ ଚାଷ ଜମିକୁ ଯାଇଥାନ୍ତି । ତେବେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଉକ୍ତ ରାସ୍ତା ଉପରେ ଏକ ପୋଲ ନିର୍ମାଣ ନିମନ୍ତେ ଟେଣ୍ଡର ଆହ୍ୱାନ କରାଯାଇଥିଲା । ଉକ୍ତ ଟେଣ୍ଡରକୁ ବାହାର ଜିଲ୍ଲାର ଜଣେ ଠିକାଦାର ନେବା ପରେ ଭୋଟକା ଅଂଚଳର ଜଣେ ପେଟି ଠିକାଦାରକୁ ଦେଇ କାର୍ଯ୍ୟ ଆରମ୍ଭ କରିଥିଲେ ।

ଛାତ୍ରସଂସଦ ନିର୍ବାଚନ ତାରିଖ ଘୋଷଣା କରନ୍ତୁ ରାଜ୍ୟ ସରକାର : ଏବିଭିପି

ଖୋର୍ଦ୍ଧା, ୨୦/୦୭ (ନି.ପ୍ର): ଦୀର୍ଘ ୪ ବର୍ଷ ହେବ ଓଡ଼ିଶାରେ ଛାତ୍ରସଂସଦ ନିର୍ବାଚନ ବନ୍ଦ ରହିଛି । ନେତୃତ୍ୱରେ ଭୃଣ ହତ୍ୟା କରୁଛନ୍ତି ଓଡିଶା ସରକାର । ବିଭିନ୍ନ ପ୍ରକାର ବାହାନ ଦେଖାଇ କ୍ୟାମ୍ପସ୍‌ରେ ଶୈକ୍ଷିକ ବାତାବରଣ ଆଣିବା ପାଇଁ ନିର୍ବାଚନ ବନ୍ଦ କଥା ରାଜ୍ୟ ସରକାର କହିଥିଲେ । କିନ୍ତୁ ଶୈକ୍ଷିକ ବାତାବରଣର ଉଦହାରଣ କଣ ଉତ୍କଳ ବିଶ୍ୱବିଦ୍ୟାଳୟ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ର ନାକ ଗ୍ରେଡ୍ କମିବା, ମହର୍ଷି ମହାବିଦ୍ୟାଳୟ, ବିଜେବି କଲେଜରେ ଅଣଛାତ୍ରମାନଙ୍କ ଆତଙ୍କରାଜ, ନା ଗଞ୍ଜାମ୍‌ର ବିନାୟକ ଆଚାର୍ଯ୍ୟ କଲେଜରେ ରାଗିଙ୍ଗ ଘଟଣାରେ ବିଜୁ ଛାତ୍ର ଜନତା ଦଳର କ୍ୟାମ୍ପସ୍ କମିଟି କନଭେନରଙ୍କ ସମ୍ପୃକ୍ତି ଓ କ୍ୟାମ୍ପସକୁ ଗୁଣ୍ଡାରାଜ ଦ୍ୱାରା ଚଳାଇବା ପାଇଁ ରାଜ୍ୟରେ ଛାତ୍ରସଂସଦ ନିର୍ବାଚନ ବନ୍ଦ ରଖାଯାଇଛି । ଏବେ ଆଉ ଗୋଟିଏ ଦୃଶ୍ୟ ବି ସାମ୍ନାକୁ ଆସୁଚି ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଭିକେ ପାଣ୍ଡିଆନଙ୍କ କାର୍ଯ୍ୟକ୍ରମରେ କ୍ୟାମ୍ପସ୍ ବିଦ୍ୟାର୍ଥୀମାନଙ୍କୁ ଅଧକ୍ଷମାନେ ବସରେ ସଭାକୁ ନେଇ କରି ଯାଉଛନ୍ତି । ଢେଙ୍କାନାଳ ରେ ମଠକରୋଗଳ କଲେଜର ବିଦ୍ୟାର୍ଥୀମାନଙ୍କୁ ନେଇ ଆସୁଥିବା ବସ୍ ଦୁର୍ଘଟଣା ଗ୍ରସ୍ତ ହେଲା । ଆଜି ସମ୍ବଲପୁର ଜିଲ୍ଲା ଗସ୍ତରେ ଏନଏସସିବି କଲେଜ ବିଦ୍ୟାର୍ଥୀମାନଙ୍କୁ ପରୀକ୍ଷା ବାତିଲ କରାଇ ବସ ରେ ପଠାଯାଉଥିଲା ଯାହାକୁ ଏବିଭିପି ଜୋରଦାର୍ ବିରୋଧ କରିଛି । ପ୍ରଶ୍ନ ଉଠୁଛି ଏହି ସବୁ ଘଟଣାରେ ଦାୟୀ କିଏ ରହିବ କାହା ପ୍ରରୋଚନାରେ କଲେଜ ଅଧକ୍ଷ ମାନେ ବିଜୁ ଛାତ୍ର ଜନତା ଦଳ ଅଧକ୍ଷ ଭଳି ସଚିବଙ୍କ କାର୍ଯ୍ୟକ୍ରମକୁ ସଂଖ୍ୟା ଯୋଗାଡୁଛନ୍ତି । ଆଜି ରାଜ୍ୟରେ ଅଧାପକ ପଦବୀ ଖାଲି ପଡିଛି, କ୍ୟା

ଟାଟୁରେ ଚାଲିବ କମ୍ପ୍ୟୁଟର

ଟାଟୁ କେବଳ ଆଉ ଫ୍ୟାଶନ୍ ପାଇଁ ବ୍ୟବହାର ହେବନାହିଁ। ଏଣିକି ଟାଟୁରେ

ଚାଲିବ କମ୍ପ୍ୟୁଟର। ତେବେ ଏହା କୌଣସି ସାଧାରଣ ଟାଟୁ ନୁହେଁ। କମ୍ପ୍ୟୁଟର ଚଳାଇବାକୁ ଥିବା ଏହି ଟାଟୁ ହେଉଛି ଇଲେକ୍ଟ୍ରୋନିକ ଟାଟୁ। ଜର୍ମାନୀର ସାରଲ୍ୟାଣ୍ଡ ବିଶ୍ୱବିଦ୍ୟାଳୟ ଏହି ଚମତ୍କାରିତା କାର୍ଯ୍ୟରେ କରି ଦେଖାଇଛି। ଏହି ଟାଟୁ ତ୍ୱଚାରେ ଏଭଳି ଭାବରେ ବନାଯାଇଥାଏ, ଯେପରି ଏହାକୁ ଏକ ଡିଭାଇସ୍ ସାଙ୍ଗରେ ଯୋଡ଼ାଯାଇ କମ୍ପ୍ୟୁଟର କି-ବୋର୍ଡ଼ ଭଳି ବ୍ୟବହାର କରାଯାଇ ପାରିବ। ଏହି ଟାଟୁକୁ ଶରୀରର ଶିରାରେ ବହୁଥିବା ରକ୍ତର ବେଗ ସହ ମଧ୍ୟ ଯୋଡ଼ା ଯାଇପାରିବ। ଉକ୍ତ ଟାଟୁର ସବୁଠାରୁ ବଡ଼ ଲାଭ ହେଉଛି ଯେ କାମ ହୋଇଯିବା ପରେ ଏହାକୁ ସହଜରେ ନଷ୍ଟ କରିହେବ। ଏହି ଟାଟୁ ଲଗାଇ ଆଙ୍ଗୁଳି ଦ୍ୱାରା କମ୍ପ୍ୟୁଟର ଚଳାଇହେବ। ଏହି ଟାଟୁକୁ ତ୍ୱଚାରେ ସିଧା ବନାଯାଇ ନଥାଏ।

ପ୍ରଥମେ ତ୍ୱଚା ଉପରେ ଏହି ଟାଟୁକୁ ଶରୀରରେ ଲଗାଯିବ। ଏହି ଇଲାଷ୍ଟିକ ସାହାଯ୍ୟରେ ଟାଟୁ ଦ୍ୱାରା ବନା ଯାଇଥିବା ବଟନକୁ କମ୍ପ୍ୟୁଟର ସହ ଯୋଡ଼ା ଯାଇପାରିବ।

ସଂଘର୍ଷ କୁହନ୍ତୁ ଅବା ପରିଶ୍ରମ କିମ୍ବା ତପସ୍ୟା, ବିନା ସଂଘର୍ଷରେ କିଛି ବି ହାସଲ କରିବା ହୁଏନା। କୌଣସି ସଫଳ ବା ମହାନ ବ୍ୟକ୍ତିଙ୍କ ଜୀବନକୁ ଅନୁଧ୍ୟାନ କଲେ, ଆପଣ ବି ଜାଣିପାରିବେ ସେ କେତେ ସଂଘର୍ଷ କରିଛନ୍ତି। ସଂଘର୍ଷ ଦୁଃଖ ଦିଏ, ତା' ସହିତ ଶିଖରରେ ପହଞ୍ଚିବା ପାଇଁ ପ୍ରେରଣା ବି।

ଜୀବନ ଅଛିତ ସଂଘର୍ଷ ରହିବ

ସଂଘର୍ଷର ସକାରାତ୍ମକ ଦିଗ: କେବେ କେବେ ଏମିତି ବି ହୁଏ, ଆମେ ସଂଘର୍ଷକୁ ଡରି ହାର ମାନି ନେଇଥାଉ। କାରଣ ଗୋଟିଏ ପରେ ଗୋଟିଏ ସମସ୍ୟାକୁ ଦେଖି ଆମେ ଭାଙ୍ଗି ପଡ଼ିଥାଉ। କିନ୍ତୁ ଏମିତି ସ୍ଥିତିରେ ହାର୍ ମାନିବା ପରିବର୍ତ୍ତେ ଆତ୍ମବିଶ୍ୱାସର ସହ ସଂଘର୍ଷ ଜାରି ରଖି ଆଗକୁ ବଢ଼ିବା ଆବଶ୍ୟକ। ସଂଘର୍ଷକୁ ନକାରାତ୍ମକ ନଭାବି ସକାରାତ୍ମକ ଦିଗରେ ନେବାକୁ ଚେଷ୍ଟା କରନ୍ତୁ।

ସଂଘର୍ଷ ହିଁ ଜୀବନ: ସମସ୍ତଙ୍କୁ ବୁଝିବା ଦରକାର ଯେ ଜୀବନ ଅଛିତ ସମସ୍ୟା ଆସିବ। ଆଉ ସମସ୍ୟା ଆସିବ ଅର୍ଥ ସଂଘର୍ଷ କରିବାକୁ ହିଁ ପଡ଼ିବ। ତେଣୁ ସମସ୍ୟା ଓ ସଂଘର୍ଷକୁ ନେଇ ଡରିବା ଅନାବଶକ । ବରଂ ଏପରି ପରିସ୍ଥିତି ପାଇଁ ନିଜର ମାସିକତାକୁ ସୁଦୃଢ଼ କରିବା ଦରକାର।

ସଫଳତା ସହଜରେ ମିଳେନି: ରାତାରାତି ସଫଳତା ପାଇବାର ଇଚ୍ଛା ପ୍ରାୟ ସମସ୍ତଙ୍କର ଥାଏ। କିନ୍ତୁ ଏମିତି ଇଚ୍ଛା ବେଳେବେଳେ ଖୁବ ମହଙ୍ଗା ପଡ଼ିଥାଏ। ଜଲଦି ସଫଳତା ପାଇବାର ଇଚ୍ଛା ନେଇ କେହି କେହି ତୀବ୍ର ବେଗରେ ଆଗେଇବାରେ ଲାଗିଥାନ୍ତି। ଯାହା ଆଦୌ ଠିକ୍ ନୁହେଁ। ଆପଣ ସଟକଟ୍ ପରିବର୍ତ୍ତେ ଠିକ୍ ଉପାୟରେ ପରିଶ୍ରମ କରି ସଫଳତା ପାଇପାରିବେ । ସଫଳତାର ରାସ୍ତା କଷ୍ଟଦାୟକ ହୋଇପାରେ, କିନ୍ତୁ ଅସମ୍ଭବ ନୁହେଁ।

ବର୍ଷକରେ ୮୦ କୋଟି ଟନ୍ ମାଂସ ଖାଇଯାଆନ୍ତି ବୁଢ଼ିଆଣୀ

ଘାସବୁଦା ଥିବା ଅଞ୍ଚଳରେ ଏହି ବୁଢ଼ିଆଣୀ ପୋକଜୋକର ଶିକାର କରନ୍ତି। ବୁଢ଼ିଆଣୀଙ୍କର ମୋଟ ୪୫ ହଜାର ପ୍ରଜାତି ଅଛି ଓ ଏମାନେ ସମସ୍ତ

କଳ୍ପନା କରିହେଉ ନଥିଲେ ବି ସତ। ବୁଢ଼ିଆଣୀ ଭଳି ଗୋଟିଏ କ୍ଷୁଦ୍ର ଜନ୍ତୁ ମଣିଷଙ୍କ ଭଳି ମାଂସ ଖାଇଯାଇପାରେ। ବର୍ଷକରେ ବୁଢ଼ିଆଣୀ ୪୦ ରୁ ୮୦ କୋଟି ଟନ୍ ମାଂସ ଖାଇଯାଆନ୍ତି। ଏକ ସଦ୍ୟତମ ଅନୁଧ୍ୟାନରୁ ଜଣାପଡ଼ିଛି। ପୃଥିବୀରେ ୨.୫ କୋଟି ଟନ ଓଜନର ବୁଢ଼ିଆଣୀ ରହିଛି। ୮ ଗୋଡ଼ ବିଶିଷ୍ଟ ଏହି ଜୀବ ବଞ୍ଚିବା ପାଇଁ ପୋକଜୋକକୁ ଖାଦ୍ୟ ଭାବେ ଗ୍ରହଣ କରିଥାନ୍ତି। ଏଥିପାଇଁ ବର୍ଷକରେ ବୁଢ଼ିଆଣୀ ସମୁଦାୟ ୪୦ରୁ ୮୦ କୋଟି ଟନ୍ ପୋକଜୋକଙ୍କୁ ନିଜର ଶିକାର ବନାନ୍ତି। ବିଜ୍ଞାନ ପତ୍ରିକା 'ଦି ସାଇନ୍ସ ଅଫ ନେଚର୍'ରେ ଏହି ଅନୁଧ୍ୟାନ ରିପୋର୍ଟ ପ୍ରକାଶ ପାଇଛି। ଏହି ବୁଢ଼ିଆଣୀ ତାର ସଂକ୍ରମଣକାରୀ ପୋକଗୁଡ଼ିକୁ ମଣିଷ ଠାରୁ ଦୂରରେ ରଖିବାରେ ପ୍ରମୁଖ ଭୂମିକା ନିଭାଇଥାଏ। ବିଶେଷକରି ଜଙ୍ଗଲ ଓ ମାଂସାହାରୀ। ଅନୁଧ୍ୟାନ ରିପୋର୍ଟ ଅନୁଯାୟୀ, ମରୁଭୂମିଠାରୁ ଆରମ୍ଭ କରି ଗୁମ୍ଫା, ସମୁଦ୍ର ତଟ, ବରଫାଞ୍ଚଳ ସବୁଠାରେ ବୁଢ଼ିଆଣୀଙ୍କୁ ଦେଖିବାକୁ ମିଳିଛି। ବୁଢ଼ିଆଣୀ ଖୁବ ଭଲ ଶିକାର ହୋଇଥାନ୍ତି। ଏହା ବ୍ୟତୀତ ବୁଢ଼ିଆଣୀ ଅନ୍ୟ ଜୀବର ଖାଦ୍ୟ ମଧ୍ୟ ବନିଥାନ୍ତି ପକ୍ଷୀ, ପରଭାଷୀ ଓ ପରଜୀବଙ୍କ ଏପରି ୮ ହଜାର ପ୍ରଜାତି ରହିଛି ଯେଉଁମାନେ କେବଳ ବୁଢ଼ିଆଣୀ ଖାଇ ବଞ୍ଚିଥାନ୍ତି।

ହୋଟେଲରେ ପହଞ୍ଚିବାକୁ ୬୦ ହଜାର ଶିଡ଼ି

ପୃଥିବୀର ସବୁଠୁ ଦୁର୍ଗମ ଅଂଚଳରେ ଥିବା ହୋଟେଲମାନଙ୍କ ମଧ୍ୟରୁ ଗୋଟିଏ ହେଉଛି ଜେଡ୍ ସ୍କ୍ରିନ ହୋଟେଲ। ଚୀନର ୟେଲୋ ମାଉଣ୍ଟେନ ଉପରେ ଥିବା ଏହି ଚାରି ତାରକା ହୋଟେଲରେ ପହଞ୍ଚିବାକୁ ୬୦,୦୦୦ ଶିଡ଼ି ଚଢ଼ିବାକୁ ପଡ଼ିଥାଏ। ଯଦି କେହି ଶିଡ଼ି ଚଢ଼ିବାକୁ ନ ଚାହେଁ ତାହା ହେଲେ କୁଲି ତାକୁ ଚୌକିରେ ବସାଇ ସେଠାରେ ପହଞ୍ଚାଇପାରିବ। ପର୍ଯ୍ୟଟକଙ୍କ ପାଇଁ କେବୁଲ କାରର ବିକଳ୍ପ ମଧ୍ୟ ରହିଛି। ଜେନଡ଼ ସ୍କ୍ରିନ ହୋଟେଲ ସମୁଦ୍ର ପତ୍ତନ ଠାରୁ ୧୮୩୦ ମିଟର ଉପରେ ରହିଛି। ହୋଟେଲରେ ପହଞ୍ଚିବା ପରେ ଏଠାରୁ ହଙ୍ଗଶନ ମାଉଣ୍ଟେନର



ସୁନ୍ଦର ଦୃଶ୍ୟ ଖୁବ ମନୋରମ ହୋଇଥାଏ। ପାହାଡ଼ ଉପରେ ସୂର୍ଯ୍ୟୋଦୟ ଓ ସୂର୍ଯ୍ୟାସ୍ତର ଦୃଶ୍ୟ ଅତି ଚମତ୍କାର। ଏହା ବିଶ୍ୱର ଏପରି ଏକମାତ୍ର ସ୍ଥାନ ଯେଉଁଠି ଏତେ ଉଚ୍ଚସ୍ଥାନକୁ ଶିଡ଼ିରେ ଚଢ଼ିଯାଇହେବ। ଏତେ ଉପରେ ଥିଲେ ବି ହୋଟେଲରେ ସବୁ ପ୍ରକାରର ବିଳାସ ସାମଗ୍ରୀ ଉପଲବ୍ଧ। ସ୍ପା ଓ ସୁଇମିଂ ପୁଲର ବି ସୁବିଧା ରହିଛି। ଏହା ସହିତ ମସାଜ ସେଣ୍ଟରଟି ରହିଛି। ହୋଟେଲ ନିକଟରେ ଏକ ପାଇନ ଗଛ ରହିଛି, ଯାହାକି ୧୫୦୦ ବର୍ଷ ପୁରୁଣା ବୋଲି ବିଶ୍ୱାସ।

ଜିନ୍ସ ଫେସନ୍

ଶାରୀରିକ ଗଠନ ପ୍ରତି ଦୃଷ୍ଟିଦେଇ ଜିନ୍ସ କିଣନ୍ତୁ। ଅଣ୍ଟାର ମାପ ଅନୁସାରେ କିଣନ୍ତୁ। ସମ୍ମୁଖ ଭାଗ ଅପେକ୍ଷା ପଛପଟ ଶରୀରକୁ ଠିକ୍ ଭାବେ ଫିଟ୍ ହେଉଛି କି ନା, ଏହି ବାବଦରେ ନିଶ୍ଚିତ ହୁଅନ୍ତୁ। ସବୁବେଳେ ଦେହକୁ ଆରାମ ଲାଗୁଥିବା ଜିନ୍ସ ପିନ୍ଧନ୍ତୁ। ଅଣ୍ଟା ମୋଟା ଥିଲେ ଛୋଟ ପ୍ରିଣ୍ଟ ଯୁକ୍ତ ଜିନ୍ସ ପିନ୍ଧନ୍ତୁ। ଗାଢ଼ ନୀଳ, ବାଦାମୀ, କଳା ରଂଗର ଜିନ୍ସ ଚାହିଦା ଏବେ ଅଧିକ। ଜିନ୍ସ ପିନ୍ଧିଲେ ଉଚ୍ଚତା ଅଧିକ ଲାଗେ। ତେବେ ପତଳୀ ହୋଇଥିଲେ ଜିନ୍ସ ବଦଳରେ ଲେଗନ୍ସ ପିନ୍ଧନ୍ତୁ ଏହା ଖରା ଦିନ ପାଇଁ ମଧ୍ୟ ଭଲ।

ସମୁଦ୍ର ଗର୍ଭରେ ଲକ୍ଷାଧିକ ବର୍ଷର ପୁରୁଣା କମ୍ପ୍ଲେକ୍ସ

ସମୁଦ୍ର ଗର୍ଭରେ ଏପରି ଅନେକ ଜିନିଷ ଠାବ କରାଯାଇସାରିଛି, ଯାହା ତଥାପି ଲୋକଙ୍କ ପାଇଁ ରହସ୍ୟମୟ ହୋଇ ରହିଛି। ନିକଟରେ କାନାଡ଼ାର ମେରାଇନ ଇଂଜିନିଅରମାନେ ବରମୁଡ଼ା ଟ୍ରାଏଙ୍ଗଲ ନିକଟରେ ଦୃଷ୍ଟି ଆଡୁଆଳରେ ରହିଥିବା ୨ଲକ୍ଷ ବର୍ଷ ପୁରୁଣା ଏକ କମ୍ପ୍ଲେସ ଖୋଜି ବାହାର କରିଛନ୍ତି। ଇଂଜିନିୟର ଶେଲିନ ଜାଲିଜେକି ଓ ତାଙ୍କ ସ୍ୱାମୀ ପଲ ଭେଞ୍ଚବେଗ ଦାବି କରିଛନ୍ତି ଯେ ଆଟାଲାଣ୍ଟିକ ମହାସଗାରରେ ବରମୁଡ଼ା ଟ୍ରାଏଙ୍ଗଲ ନିକଟରେ ପାଖାପାଖି ଦୁଇଲକ୍ଷ ବର୍ଷ ତଳର ପୁରୁଣା ଏକ କମ୍ପ୍ଲେକ୍ସ ଥିବାର ଦେଖିବାକୁ ମିଳିଛି। ସେମାନେ ସେଠାକାର କିଛି ଫଟୋ ଓ ଭିଡ଼ିଓ ଜାରି କରିଛନ୍ତି। ତେବେ ଏତେ ପ୍ରାଚୀନ କାଳରେ ଏତେ ବିଶାଳ କମ୍ପ୍ଲେକ୍ସ କେମିତି ନିର୍ମିତ ହେଲା ଓ କିଏ ଏହାର ନିର୍ମାଣ କରିଛି ବୋଲି ବୈଜ୍ଞାନିକମାନେ ନିଜେ ଚିନ୍ତା କରୁଛନ୍ତି। ଭୂବିଜ୍ଞାନୀମାନେ କହିଛନ୍ତି ଯେ, ଏହି କମ୍ପ୍ଲେକ୍ସକୁ ବୁଡ଼ିବାକୁ ଅତିକମରେ ୫୦ହଜାର ବର୍ଷ ଲାଗିଯିବ। ସମୁଦ୍ର ବିଜ୍ଞାନୀ ପ୍ରଫେସର ଡଃ ରୋବଟ ବେଲାର୍ଡ଼ କହିଛନ୍ତି, ଯଦି ସେତେବେଳେ ମଣିଷର ଅସ୍ତିତ୍ୱ ରହିଥିଲା, ତଥାପି ସମୁଦ୍ର ଜଳରେ ଏତେ ଗଭୀରତାକୁ କିପରି ଯାଇପାରିଲା। କେତେକଙ୍କ ମତ ଯେ ଭୂମିକମ୍ପ ଓ ବନ୍ୟା ଯୋଗୁଁ ଏହା ଧ୍ୱଂସ ପାଇଯାଇଛି। କିନ୍ତୁ ସତ କ'ଣ ତାହା ଏଯାଏଁ ସ୍ପଷ୍ଟ ହୋଇପାରି ନାହିଁ।

ମଧ୍ୟାହ୍ନଭୋଜନ ପରେ ନିଦ ଆସୁଛି ?

ଅଫିସରେ କାମ କରୁଥିବା ପ୍ରାୟ କର୍ମଚାରୀଙ୍କ କ୍ଷେତ୍ରରେ ଏ ସମସ୍ୟା ଦେଖିବାକୁ ମିଳେ। ମଧ୍ୟାହ୍ନ ଭୋଜନ ପରେ ଟିକେ ଟିକେ ଇଚ୍ଛାହୁଏ, ଡେସ୍କ ଉପରେ ମୁଣ୍ଡ ରଖି ଶୋଇଯାନ୍ତି କି ? କିନ୍ତୁ କେବେ ଭାବିଛନ୍ତି ଏଭଳି କାହିଁକି ହୁଏ ? ଏହାର କାରଣଟି ହେଉଛି ଆମ ମଧ୍ୟାହ୍ନ ଭୋଜନରେ ଖାଦ୍ୟଶୈଳୀ। ତେବେ କେମିତି ଦୂରେଇବା ଏ ଅଭ୍ୟାସରୁ...।

ଏସବୁ ଖାଇଲେ ଆସିବ ନିଦ : ଡାଲି, ପନିର, ଆଳୁ, ଲୁଣିଆ ଖାଦ୍ୟ ଆଦିକୁ ସ୍ଲିପର୍ସ ଫୁଡ୍ ବୋଲି କୁହାଯାଏ। କାରଣ ଏହାକୁ ମଧ୍ୟାହ୍ନଭୋଜନରେ ଖାଇବା ଦ୍ୱାରା ନିଦ ଲାଗିଥାଏ। ଏସବୁ ଖାଦ୍ୟ ଖାଇବା ଦ୍ୱାରା ଶରୀରରେ ଶିରା ପ୍ରଶିରା ଭଲ ଭାବରେ ଚଳପ୍ରଚଳ ନହୋଇ ଅବଶ ଲାଗିଥାଏ। ଯାହା ଫଳରେ ନିଦ ଆସେ। ଅଫିସରେ କାମ କରିବା ସମୟରେ ନିଦ ଆସିଲେ ଏହାର କୁପ୍ରଭାବ କାମ ଉପରେ ପଡ଼ିଥାଏ। ନିଦ ଆସିବା ଯୋଗୁ କାମ ଠିକ୍ ଭାବେ ହୋଇପାରେନା, ଆଉ ବସ୍‌ଙ୍କ ଠାରୁ ଗାଳି ଶୁଣିବାକୁ ପଡ଼ିଥାଏ।

ହେଭି ବ୍ରେକଫାଷ୍ଟ କରନ୍ତୁ: ସକାଳ ଭୋଜନ ବା ବ୍ରେକ୍ ଫାଷ୍ଟରେ ଅଧିକ ଖାଆନ୍ତୁ। ଯାହାଦ୍ୱାରା ଆପଣଙ୍କୁ ବେଶି ସମୟ ପର୍ଯ୍ୟନ୍ତ ଭୋକ ଲାଗିବ ନାହିଁ। ଆପଣ ଦିନଯାକ ସକ୍ରିୟ ରହିବେ। ସକାଳ ଭୋଜନରେ ଠିକେ ଅଧିକ ଖାଦ୍ୟ ପେଯରି ଶସ୍ୟଜାତୀୟ ଖାଦ୍ୟ, ଦହି, ଫଳ, ଜୁସ, ଅଣ୍ଡା ଏବଂ ମଲ୍ଟିଗ୍ରେନ ବ୍ରେଡ଼ ଇତ୍ୟାଦି ଖାଦ୍ୟ ଖାଆନ୍ତୁ। ବ୍ରେଡ଼ ସହିତ ଆପଣ ପିନଟ ବଟରର ବ୍ୟବହାର କରିପାରିବେ।

ଫାଷ୍ଟଫୁଡ଼କୁ କରନ୍ତୁ ବାଏ : ବଜାରରେ ମିଳୁଥିବା ଫାଷ୍ଟଫୁଡ଼ଠାରୁ ଦୂରେଇ ରୁହନ୍ତୁ। କାରଣ ବଜାରରେ ସାଧାରଣତଃ ପ୍ୟାକେଜ ଫୁଡ଼ ବେଶି ପରିମାଣରେ ମିଳିଥାଏ। ଏଥିରେ ଫ୍ୟାଟ ପରିମାଣ ମଧ୍ୟ ଅଧିକ। ଏତଦ୍ ବ୍ୟତୀତ ଏହାକୁ ସୁରକ୍ଷିତ ରଖିବା ଓ ସ୍ୱାଦକୁ ବଢ଼ାଇବା ପାଇଁ ବିଭିନ୍ନ ପ୍ରକାରର ଫ୍ଲେଭର୍ ମିଶାଯାଇଥାଏ। ଯାହା ଶରୀର ପକ୍ଷେ କ୍ଷତିକାରକ। ଯଦି ଆପଣଙ୍କୁ ବାହାରେ ବାଧ୍ୟ ହୋଇ ଖାଇବାକୁ ପଡୁଛି

ତେବେ ରୋଷ୍ଟେଡ୍ ଏବଂ ବେକ ହୋଇଥିବା ଖାଦ୍ୟ ଖାଆନ୍ତୁ।

ମିଠା କମ୍ ଖାଆନ୍ତୁ : ଅଫିସ୍‌ରେ ମଧ୍ୟାହ୍ନ ଭୋଜନରେ ନେବା ସମୟରେ ଯଥା ସମ୍ଭବ ମିଠା ଖାଦ୍ୟ ଠାରୁ ଦୂରେଇ ରୁହନ୍ତୁ। ବିସ୍କୁଟ, କ୍ଷୀର, ପେଷ୍ଟ୍ରି, ପାସ୍ତା ଆଦି ଖାଦ୍ୟ ଖାଆନ୍ତୁ ନାହିଁ। ଦିନରେ ଭାତ ଜାଗାରେ ରୁଟି ଖାଇବାକୁ ଚେଷ୍ଟା କରନ୍ତୁ। ଯଦି ମିଠା ଖାଇବାକୁ ଚାହାନ୍ତି, ତେବେ ରୁଟି ସହ ଗୋଟିଏ ମିଠା ଖାଇପାରିବେ । ଭାତ ଖାଇବା ଦ୍ୱାରା ଅଧିକ ନିଦ ଲାଗିଥାଏ।

ମଧ୍ୟାହ୍ନଭୋଜନରେ ଆଳୁକୁ ବିଦାୟ : ଆଳୁରେ ପ୍ରଚୁର ମାତ୍ରାରେ ଫ୍ୟାଟ୍ ରହିଛି।। ମଧୁମେହ ଥିବା ବ୍ୟକ୍ତି ଆଳୁ ଖାଆନ୍ତୁ ନାହିଁ। ଅଫିସରେ ଲଞ୍ଚ କରିବା ସମୟରେ ଯେତେ ସମ୍ଭବ ଆଳୁ ଖାଇବା ଠାରୁ ବଂଚନ୍ତୁ। କାରଣ ଏହା ରକ୍ତରେ ସୁଗାର ମାତ୍ରାକୁ ବୃଦ୍ଧି କରିଥାଏ। ଫଳରେ ନିଦ ଆସେ।

ବ୍ୟାୟାମ ଜରୁରୀ : ଖାଇସାରିବା ପରେ କିଛି ସମୟ ପାଇଁ ଟିକେ ବୁଲିବାକୁ ବାହାରିଯାନ୍ତୁ। କିଛି ହାଲକା ବ୍ୟାୟାମ କରିପାରିବେ। ଏହାଦ୍ୱାରା ଆପଣ ବହୁତ ହାଲକା ଅନୁଭବ କରିବେ ଅଫିସରେ ମଧ୍ୟାହ୍ନଭୋଜନ କରିବା ପରେ ଲିଫ୍ଟରେ ନପାଇ ସିଡ଼ିରେ ଯିବାକୁ ଚେଷ୍ଟା କରନ୍ତୁ।

କେତେ ଉପକାରୀ ସେଓ ଚୋପା

ଚୋପାଯୁକ୍ତ ସେଓ ଖାଇଲେ ତାହା ଉଚ୍ଚ ରକ୍ତଚାପ ରୋଗୀଙ୍କ ପାଇଁ ଲାଭପ୍ରଦ ସାବ୍ୟସ୍ତ ହୋଇଥାଏ। ଏହି ରୋଗୀ ନିୟମିତ ଗୋଟିଏ ସେଓ (ଚୋପା ସହ) ଖାଇଲେ ଉଚ୍ଚ ରକ୍ତଚାପ ସନ୍ତୁଳିତ ରହିଥାଏ।।

- ସେଓ ଚୋପା ହେଉଛି ଆଣ୍ଟି ଅକ୍ସିଡାଣ୍ଟ ଏବଂ ଫ୍ଲାଏଣ୍ଟିସର ପ୍ରମୁଖ ଉତ୍ସ। ଏହା ହୃଦରୋଗୀଙ୍କ ପାଇଁ ବେଶ୍ ଉପକାରୀ।
- ଚୋପା ସହ ସେଓ ଖାଇଲେ ତାହା ଶରୀର ଭିତରେ କୋଲେଷ୍ଟେରଲ ସ୍ତରକୁ କମ୍ କରିଥାଏ।
- ସେଓ ଚୋପାରେ ଭିଟାମିନ-ଏ ଭରିରହିଛି। ଏହାକୁ ଖାଇଲେ ଦୃଷ୍ଟିଶକ୍ତି ପୂର୍ବାପେକ୍ଷା ଆହୁରି ପ୍ରଖର ହୋଇଥାଏ।
- ସେଇ ଚୋପାରେ ପୋଟାସିୟମ, ଫସଫରସ ଏବଂ ଆଇରନ ଭରିରହିଛି।

ଏହାକୁ ନିୟମିତ ଖାଇଲେ ହାଡ଼ ମଜଭୁତ ହୋଇଥାଏ। କେବଳ ସେତିକି ନୁହେଁ, ଏହାଦ୍ୱାରା ଦାନ୍ତମୂଳ ଦୃଢ଼ ହୋଇଥାଏ।

ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

ବିରୋଧୀ ବନାମ ଶାସକ...

ଭାରତ ୨୦୨୪ରେ ହେବାକୁ ଯାଉଥିବା ସାଧାରଣ ଅର୍ଥାତ୍ ଲୋକସଭା ନିର୍ବାଚନରେ 'ଇଣ୍ଡିଆ'କୁ ବାଛିବ ନା 'ଏନ୍‌ଡିଏ'କୁ। କହିବାର ଅର୍ଥ ହେଉଛି- ମଙ୍ଗଳବାର ଦିନ ୨୬ଟି ବିରୋଧୀ ଦଳ ମିଶି ଉପରୋକ୍ତ ନିର୍ବାଚନରେ 'ଏନ୍‌ଡିଏ' ବିରୋଧରେ ଲଢ଼ିବାକୁ ଏକ ମେଣ୍ଟ ଗଠନ କରିଛନ୍ତି ଯାହାର ସଂକ୍ଷିପ୍ତ ରୂପ ହେଉଛି 'ଇଣ୍ଡିଆ' (ଇଣ୍ଡିଆନ୍ ନ୍ୟାସନାଲ ଡେଭଲପମେଣ୍ଟାଲ ଇନ୍‌କ୍ଲସିଭ୍ ଆଲିଆନ୍ସ୍) । ଆଉ ଏହା ହେବା ପରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ କହିଛନ୍ତି ଯେ ଆଗାମୀ ନିର୍ବାଚନରେ 'ଇଣ୍ଡିଆ' ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମଧ୍ୟରେ ହେବ ଲଢ଼େଇ।' ପରେ ପରେ ବିଜେପି-ନେତୃତ୍ୱାଧୀନ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ମଧ୍ୟ ଏକ ସ୍ୱରରେ ୨୦୨୪ ଲୋକସଭା ନିର୍ବାଚନ ପାଇଁ ଏହାର ବିଷୟବସ୍ତୁ ସଙ୍ଗୀତ ଗାନ କରିଛି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ, ନୂଆଦିଲ୍ଲୀଠାରେ ନିଜର ୩୮ଟି ଦଳଙ୍କ ମେଣ୍ଟର ବୈଠକ ଅନୁଷ୍ଠିତ ହେବା ପୂର୍ବରୁ- ଯେ ଶାସକ ଦଳ କଂଗ୍ରେସ ନେତୃତ୍ୱାଧୀନ ବିରୋଧୀ ମେଣ୍ଟର ମୁକାବିଲା କରିବ ଦୁର୍ନୀତି ଏବଂ ବଂଶବାଦ ଶାସନକୁ ଆୟୁଧ କରି । ସଙ୍ଗେ ସଙ୍ଗେ ଏହା ମଧ୍ୟ ପ୍ରତ୍ୟେକ ସମ୍ଭାବ୍ୟ ମିତ୍ର ଦଳଙ୍କୁ ନିଜର ମେଣ୍ଟରେ ସାମିଲ କରିବାକୁ ଉଦ୍ୟମ କରିବା ସହିତ ତାଲିକାଭୁକ୍ତ କରିବ । ପ୍ରଧାନମନ୍ତ୍ରୀ, ଯିଏକି ନିଜ ପକ୍ଷରେ ରହିଥିବା ତଥା ସମୟର କଷଟି ପଥରରେ ପରୀକ୍ଷିତ ହୋଇ ସାରିଥିବା ଦଳଙ୍କୁ ନେଇ ଗର୍ବିତ ଅନୁଭବ କରନ୍ତି, ସେ ଦୁର୍ନୀତି ଏବଂ ବଂଶବାଦୀ ଶାସନ ଉପରେ ବିରୋଧୀ ଦଳମାନଙ୍କୁ ଲକ୍ଷ୍ୟଭୁକ୍ତ କରୁଛନ୍ତି, କାରଣ ଏହା ଦୁଇଗୋଟି ଉଦ୍ଦେଶ୍ୟକୁ ସାଧୁତ କରୁଛି । ଏହା କଂଗ୍ରେସ ଶାସନ କ୍ଷମତାରେ ଥିବା ବେଳେ ଯେଉଁସବୁ ଦୁର୍ନୀତି କରିଥିଲା, ତାକୁ ଲୋକମାନଙ୍କ ମନରେ ପୁନର୍ବାର ଜାଗ୍ରତ କରାଇବା ସଙ୍ଗେ ସଙ୍ଗେ ବିରୋଧୀମାନେ ଯେଉଁ ଅଭିଯୋଗ କରୁଛନ୍ତି ଯେ ସେମାନଙ୍କୁ ଲକ୍ଷ୍ୟଭୁକ୍ତ କରିବାକୁ ଶାସକ ଦଳ ସେମାନଙ୍କ ବିରୋଧରେ କେନ୍ଦ୍ରୀୟ ଏଜେନ୍ସିମାନଙ୍କୁ ବ୍ୟବହାର କରୁଛି, ତା' ଉପରେ ମଧ୍ୟ ପରଦା ପକାଇ ଦେବ । ବିଜେପିକୁ ଲୋକମାନଙ୍କୁ ବୁଝାଇବାର ଆବଶ୍ୟକତା ରହିଛି ଯେ କେନ୍ଦ୍ରୀୟ ଏଜେନ୍ସିମାନେ ସେମାନଙ୍କର କାମକୁ ପେସାଦାର ଢଙ୍ଗରେ ସମ୍ପାଦନ କରୁଛନ୍ତି ଏବଂ ଯେଉଁମାନେ ଦୁର୍ନୀତିରେ ଲିପ୍ତ ନାହାନ୍ତି, ସେମାନେ ଭୟ କରିବାର କୌଣସି କାରଣ ନାହିଁ ଏବଂ ସାଧାରଣ ଲୋକଙ୍କ ଅର୍ଥକୁ ଅପବ୍ୟୟ କରାଯିବାକୁ ଦିଆଯିବ ନାହିଁ । ମେଣ୍ଟ ମଧ୍ୟ ଲୋକମାନଙ୍କୁ ସ୍ମରଣ କରାଇ ଦେଇ ପାରିବ ଯେ ୟୁପିଏ ସରକାରର ଦ୍ୱିତୀୟ ପାଳି ଶାସନ ତୁଳନାରେ ଏନ୍‌ଡିଏ ନେତୃତ୍ୱ ଆର୍ଥିକ ଦୁର୍ନୀତିରୁ ସମ୍ପୂର୍ଣ୍ଣ ଦୂରେଇ ରହିଛି । ଏନ୍‌ଡିଏ, ଯାହା ଅଟଳ ବିହାରୀ ବାଜପେୟୀଙ୍କ ନେତୃତ୍ୱରେ ୧୯୯୮ରେ ଶାସନ କ୍ଷମତାକୁ ଆସିଥିଲା, ତାହା ଥିଲା ରାଜନୀତିକ ଦଳମାନଙ୍କର ସର୍ବବୃହତ୍ ମେଣ୍ଟ– ଏହି ମେଣ୍ଟରେ ସାମିଲ ହୋଇଥିଲେ ଜର୍ଜ ଫର୍ଣ୍ଣାଣ୍ଡିସ୍‌ଙ୍କ ଭଳି ସମାଜବାଦୀମାନେ, ସୁଶ୍ରୀ ମମତା ବାନାର୍ଜୀଙ୍କ ଭଳି କଂଗ୍ରେସ ଅଭିମୁଖୀମାନେ, ଦ୍ରାବିଡ଼ ରାଜନୀତିର ଭୀଷ୍ମ ପିତାମହ ଏମ୍ କରୁଣାନିଧି, ଏବଂ ଏନ୍ ଚନ୍ଦ୍ରାବାବୁ ନାଇଡୁଙ୍କ ଭଳି ଆଞ୍ଚଳିକ ନେତାମାନେ । ତେବେ ମାତ୍ର ଛଅ ବର୍ଷ ଭିତରେ ସେମାନଙ୍କ ମଧ୍ୟରୁ ଅନେକ ମେଣ୍ଟ ଛାଡ଼ି ଚାଲି ଯାଇଥିଲେ ଏବଂ ପରବର୍ତ୍ତୀ ନିର୍ବାଚନରେ ଏନ୍‌ଡିଏ ବିପୁଳ ବିଜୟ ଲାଭ କରିବାର ଆଶ୍ୱାସନା ପ୍ରଦାନ କରିବା ଭଳି 'ଉଜ୍ଜ୍ୱଳ ଭାରତ' ବା ସାଇନିଂ ଇଣ୍ଡିଆକୁ ପ୍ରୋତ୍ସାହନ ଯୋଗାଉ ଥିବାର ବ୍ୟାପକ ପ୍ରଚାର ପ୍ରସାର ସତ୍ତ୍ୱେ ପରାଜୟ ବରଣ କରିଥିଲା । ସମ୍ପ୍ରତି ବିଜେପି ନେତୃତ୍ୱ ଯେହେତୁ ଶିବସେନା, ଅକାଳୀ ଦଳ ଏବଂ ଜନତା ଦଳ (ସଂଯୁକ୍ତ) ଭଳି ଏହାର କେତେକ ଶକ୍ତିଶାଳୀ ମିତ୍ର ଏହାକୁ ଛାଡ଼ି ଚାଲି ଗଲେଣି, ତେଣୁ ଏହିଭଳି ଏକ ଘଟଣାକ୍ରମର ପୁନରାବୃତ୍ତି ଘଟିବାର ଅନୁମାନ କରୁଥିବା ମନେହୁଏ। ଏକଥା ସତ ଯେ ଏହା ମଧ୍ୟ ଏଆଇଏଡିଏମ୍ ଏବଂ ମହାରାଷ୍ଟ୍ରରେ ଏକନାଥ ସିନ୍ଦେଙ୍କ ନେତୃତ୍ୱାଧୀନ ଶିବସେନାର ବିଭାଜିତ ଅଂଶ ସହିତ ଏନ୍‌ସିପିର ଅଜିତ୍ ପାୱାରଙ୍କ ନେତୃତ୍ୱାଧୀନ ବିରୋଧୀ ନେତାମାନଙ୍କ ଭଳି କେତେକ ଶକ୍ତିଶାଳୀ ଗୋଷ୍ଠୀଙ୍କୁ ନିଜ ପକ୍ଷକୁ ଆଣି ପାରିଛି, ତେବେ ଏହା ଏପର୍ଯ୍ୟନ୍ତ ନିଶ୍ଚିତ ହୋଇପାରି ନାହିଁ ଯେ ଏହିସବୁ ଦଳଗୁଡ଼ିକ ଯେତେବେଳେ ଲୋକସଭା ନିର୍ବାଚନର ଶେଷ ଗଣତି ହେବ, ସେତେବେଳେ ଆସନ ସଂଖ୍ୟା କ୍ଷେତ୍ରକୁ କେତେ ପରିମାଣର ଅବଦାନ ରଖିବେ । ଲୋକସଭାର ୫୪୩ଟିଯାକ ନିର୍ବାଚନ ମଣ୍ଡଳୀ ପାଇଁ ଦଳର ନିଜର ନିଶ୍ଚିତ ଭାବରେ କିଛି ନା କିଛି ଯୋଜନା ଏବଂ ରଣନୀତି ରହିଥବ ଏବଂ ଏହା ନିଜର ନିର୍ବାଚନୀ ଫଳାଫଳ ପ୍ରତି ଅବଦାନ ରଖିବାକୁ ଛୋଟ ହେଉ ବା ବଡ଼, ସବୁ ପ୍ରକାରର ଗଠନକୁ ଅବଶ୍ୟ ସ୍ୱାଗତ କରିବ । ପରବର୍ତ୍ତୀ ନିର୍ବାଚନ ନିମନ୍ତେ ଏନ୍‌ଡିଏ କେଉଁସବୁ ରଣନୀତି ଆପଣାଇବାକୁ ଯାଉଛି, ତାହା ଏ ପର୍ଯ୍ୟନ୍ତ ଦେଖିବାକୁ ବାକି ରହିଛି । ତେବେ ଏହା ଶ୍ରୀଯୁକ୍ତ ମୋଦୀଙ୍କର ସବୁ ପ୍ରକାରର ଭାବ ବିନିମୟ କୌଶଳକୁ ଉପଯୋଗ କରିବା ସଙ୍ଗେ ସଙ୍ଗେ ସାମାଜିକ ଏବଂ ଆର୍ଥିକ ସ୍ଥିରତା ଉପରେ କାର୍ଯ୍ୟ କରି ବିଜେପିର ସାଂଗଠନିକ ଶକ୍ତର ପରୀକ୍ଷା ନେବାକୁ ଯାଉଥିବା ସହିତ ଦେଶର ସାନ୍ନିଧାନିକ ଚଳଚଞ୍ଚଳତାକୁ ବଜାୟ ରଖିବା ଆବଶ୍ୟକ କରିବ, କାରଣ ଏହାର ସଂଖ୍ୟାଗରିଷ୍ଠତାବାଦୀ ରାଜନୀତି ଜରିଆରେ ବିଜେପି କେବଳ ହିନ୍ଦୁମାନଙ୍କର ଏକ ବଡ଼ ଗୋଷ୍ଠୀଙ୍କୁ ନିଜ ପକ୍ଷକୁ ଆକୃଷ୍ଟ କରିନାହିଁ, ସଙ୍ଗେ ସଙ୍ଗେ ଧର୍ମନିରପେକ୍ଷ ଦଳମାନଙ୍କୁ ଜାତୀୟତାବାଦର ଢାଞ୍ଚାରୁ ବାହାର କରି ଦେଇଛି ।

ଭାରତ ସହ ରୁଷର ବନ୍ଧୁତା

ଡକ୍ଟର ଲକ୍ଷ୍ମଣ ସାହୁ

କିଛି ଦିନ ପୂର୍ବେ ମସ୍କୋଠାରୁ ଦୁଇଶହ କିଲୋମିଟର ଦୂରରେ ଥିବା ଭର୍ ନାମକ ଏକ ଛୋଟ ସହରରେ ରାଜ କପୁରଙ୍କ ରିଟ୍ରୋସ୍ପେକ୍ଟିଭ୍‌ରେ ଜଣେ ରୁଷୀୟ ମହିଳାଙ୍କ ଆବେଗ ଭରା ସ୍ୱର ଶୁଣିବାକୁ ମିଳିଥିଲା । ସେ ପଚାଶ ଦଶକର ରୋମାନଥାନ୍ - "ସେଗୁଡ଼ିକ ଆମର ଭୟଙ୍କର ଦିନ ଥିଲା ବୋଲି ଉଚ୍ଚ ସ୍ୱରରେ କହୁଥିଲେ । ଜର୍ମାନୀ ସହିତ ଯୁଦ୍ଧ ପରେ ପ୍ରାୟ ଭାଙ୍ଗିଗଲା । ସମସ୍ତେ ଅଳିଆ ଗଦାରୁ ମୁଣ୍ଡ ଉଠାଇବାକୁ ଚେଷ୍ଟା କରୁଛନ୍ତି । ସବୁ ପାର୍ଶ୍ୱରେ କେବଳ ଅଭାବ ଓ ଦୁଃଖ ଅଛି । ରାଜ କପୁର ସେହି ସମୟରେ ଆମ ପାଇଁ ଥିଲେ ପ୍ରେରଣାର ଉତ୍ସ । ତାଙ୍କ ମୁହଁରେ ହସ ଥିଲା । ସେହି ହସ ଆମଠାରୁ ଅଧିକ ଯନ୍ତ୍ରଣା ଭୋଗୁଥିବା ଭାରତୀୟମାନଙ୍କୁ ସାହସ ଦେଇଥିଲା । ସେହି ସମୟରେ ଆମେ ମଧ୍ୟ ଆଶାବାଦୀ ଥିଲୁ ।" ଆୱାରା, ଶ୍ରୀ ୪୨୦ ଚଳଚ୍ଚିତ୍ର ପରେ ରାଜ କପୁର ସୋଭିଏତ୍ ଆଶାବାଦୀତାର ପ୍ରତୀକ ପାଲଟିଗଲେ । ଯେଉଁ ଚରିତ୍ରମାନଙ୍କର ଘର ନାହିଁ, ପରିବାର ନାହିଁ, ପ୍ରେମ ନାହିଁ, ଅନ୍ୟ କାହା ସହ ମିଶିବା ଅସମ୍ଭବ, ସମସ୍ତେ ନଷ୍ଟ ହୋଇଯାଆନ୍ତି । କିନ୍ତୁ ତଥାପି ସେ ଖୁସିର ଗୀତ ଗାଇଛନ୍ତି- 'ଏକ ଆୱାରା ଦିଲ୍ ।'

ଯଦି ଆଜି ସୋଭିଏତ୍ ୟୁନିଅନ୍ ଭାଙ୍ଗିଗଲା, ତେବେ ଏହା ପଚାଶ ବର୍ଷର ଭାରତ କିମ୍ବା କେଉଁଠାରେ । ଶୀତଳ ଯୁଦ୍ଧ ସମାପ୍ତ ହୋଇଛି ଓ ଏକ ନୂତନ ଶୀତଳ ଯୁଦ୍ଧର ଥଣ୍ଡା ଏହି ଗ୍ରହର ମେରୁଦଣ୍ଡକୁ ଓହ୍ଲାଉଛି,ଏହା ସତ ହୋଇପାରେ । ଭାରତ- ରୁଷ ସମ୍ପର୍କର ଆନ୍ତରିକ ପ୍ରେମ ଆଜି ଆଉ ନାହିଁ । ସମୟର ପରିବର୍ତ୍ତିତ ଆଗ୍ରହ ସହିତ, ନୂଆଦିଲ୍ଲୀ ଆଜି ଏହାର ସଂପର୍କରେ ବହୁମୁଖୀ । ତାଙ୍କର ରାଧା ଚାହୁଁଛନ୍ତି, ମେରା ବିନା ଚାଲିବ ନାହିଁ। ଆଜି ସେମାନେ ମସ୍କୋ ସହିତ ସ୍ଥାନ ବାଣ୍ଟିଛନ୍ତି ଓ ପରମାଣୁ ପ୍ରସଙ୍ଗରେ ୱାଶିଂଟନର ସହଯୋଗୀ ଅଟନ୍ତି । କୂଟନୈତିକ ସମ୍ପର୍କ ଏକ ରାଜ କପୁର ଚଳଚ୍ଚିତ୍ର ନୁହେଁ । ଭାବପ୍ରବଣତାର କେବେ ରାଫ୍ଟରେ ଅଧିକ ସମୟ ଭାସମାନ ହୋଇପାରିବ ନାହିଁ । ଯଦି ସୁଧର ମଞ୍ଜି, ରଣର ଶୀତଳ ପରିମାଣ ଏଥିରେ ଦେଖାଯାଏ ନାହିଁ । ତଥାପି ବିଶ୍ୱର ଚିତ୍ରରେ ପରିବର୍ତ୍ତନ ଆସିବା ପରେ ମଧ୍ୟ ନେହେରୁ ଯୁଗର 'ଡୁଜବା (ବନ୍ଧୁତ୍ୱର ସ୍ଲାଭିକ୍ ଶବ୍ଦ) -ଦୋସ୍ତି' ଭାରତ- ରୁଷ ସମ୍ପର୍କକୁ ଜ୍ୱଳାଇ ରଖିଛି । ୟୁକ୍ରେନ ଯୁଦ୍ଧର କ୍ଷତ ଅଧିକ ବ୍ୟାପିବା ସହିତ ଏହା ସ୍ପଷ୍ଟ ହେବାରେ ଲାଗିଛି ଯେ ମୋଦୀ ସରକାର ଶିଖ କ୍ଷେତ୍ରକୁ ରୁଷ-ନିର୍ଭରଶୀଳତାଠାରୁ ଦୂରେଇ ରଖିବେ ନାହିଁ କିମ୍ବା କରିପାରିବେ ନାହିଁ । ଏହାର କାରଣ ଗୋଟିଏ ନୁହେଁ, ଅନେକ ଅଛି ।

ଗତ ବର୍ଷ ଅକ୍ଟୋବରରେ, କାନବେରାର ଜଣେ ସାମ୍ବାଦିକ ୟୁକ୍ରେନ ଉପରେ ହୋଇଥିବା ସାମରିକ ଆକ୍ରମଣକୁ ବିଚାର କରି ବୈଦେଶିକ ମନ୍ତ୍ରୀ ଏସ ଜୟଶଙ୍କରଙ୍କୁ ପଚାରିଥିଲେ, 'ରୁଷରୁ ଅସ୍ତ୍ର ଉପରେ ନିର୍ଭରଶୀଳତା ହ୍ରାସ କରିବାକୁ ଭାରତ ଚିନ୍ତା କରୁଛି କି ?' ଜୟଶଙ୍କର ଏହାର ଉତ୍ତରରେ ଯାହା କହିଛନ୍ତି, ତାହା ପ୍ରକୃତରେ ଭାରତ- ରୁଷ ସମ୍ପର୍କର ମୁଖ । ଏହି ପୂର୍ବତନ ଅମଲାତନ୍ତ୍ର ଏବଂ ମନ୍ତ୍ରୀ ସେଦିନ ସ୍ୱୀକାର କରିଛନ୍ତି ଯେ ଅସ୍ତ୍ରଶସ୍ତ୍ର ଯୋଗାଣକାରୀ ଭାବରେ ଭାରତ ରୁଷର ସବୁକିଛି ଅଟେ ।

ରୁଷର ପ୍ରତିରକ୍ଷା ଉପକରଣର ଗୁଣ ଅନିଶ୍ଚିତତାପୂର୍ଣ୍ଣ । କିନ୍ତୁ ମୁଖ୍ୟ କଥା ହେଉଛି ବୈଦେଶିକ ମନ୍ତ୍ରୀ ସେଦିନ ଯାହା କହିଥିଲେ, ପାଶ୍ଚାତ୍ୟର ବ୍ୟାପକ ସଶସ୍ତ୍ର ବାହିନୀ ମଧ୍ୟ ଦଶନ୍ଧି ଧରି ଭାରତକୁ ଧନୁ ଓ ତୀର ଦେବ ନାହିଁ। ଫଳାଫଳ କ'ଣ ? ଭାରତର ବେକରେ ସାମରିକ ଏକଛତ୍ରବାଦୀ ଶାସନ ଆରମ୍ଭ ହେବାକୁ ଲାଗିଲା । ଭାରତ ସୀମା ପଡୋଶୀ ଦେଶ ସହ ଏବେ ମଧ୍ୟ ସଂଘର୍ଷ କରୁଛି । ଶୀତଳ ଯୁଦ୍ଧ ସମୟରେ ଜୟଶଙ୍କର ଆମେରିକା ଓ ପାକିସ୍ଥାନ ସମେତ ପାଶ୍ଚାତ୍ୟ ଦେଶ ସହିତ ରୋମାନ୍ସ ଆଣିଥିଲେ । ସେ କହିଥିଲେ ଯେ ସେହି ବିପଦ ଦିନ ସେହି ସମୟରେ ତାଙ୍କ ପାଖରେ ଥିବା ବନ୍ଧୁଙ୍କୁ ଭୁଲିଯିବାର କୌଣସି କାରଣ ନାହିଁ । ରଣନୀତିକ ନୀତିର ସ୍ୱାଧୀନତା ଉପରେ ଭାରତ ବିଶ୍ୱାସ କରେ - ଯାହାକୁ ରଣନୀତିକ ବହୁପକ୍ଷୀୟତା ମଧ୍ୟ କୁହାଯାଇପାରେ । ଆମେରିକା ସହିତ ବନ୍ଧୁତ୍ୱର ଅର୍ଥ ହେଉଛି ଆମେରିକାର ଶତ୍ରୁ ସହିତ ଶତ୍ରୁତା ଭାରତର ବୈଦେଶିକ ନୀତିର ମନ୍ତ୍ର ନୁହେଁ । କିଛି ଦିନ ନଥିଲା ।

ରୁଷର ପାଶ୍ଚାତ୍ୟ ସମାଲୋଚନାର ସମ୍ମୁଖୀନ ହେବାପରେ ଜୟଶଙ୍କର ସେଦିନ ଯାହା କହିଥିଲେ ତାହା ପ୍ରକୃତରେ ନୂଆଦିଲ୍ଲୀର ସ୍ଥିତି ଢାଲ ଏବଂ ଖଣ୍ଡା ଥିଲା । ପ୍ରାୟ ନବେ ବର୍ଷ ପୂର୍ବେ ରୁଷରୁ ରବୀନ୍ଦ୍ରନାଥ ଲେଖିଛନ୍ତି, "ରୁଷର ପରିସ୍ଥିତି ଯୁଦ୍ଧକାଳୀନ ପରିସ୍ଥିତି । ବାହାରେ ଶତ୍ରୁ । 'ଆଶ୍ଚର୍ଯ୍ୟର କଥା, ଆଜି ବି ଏହା ସତ୍ୟ ଅଟେ । ଏହା ନୁହେଁ ଯେ ଭାରତ ଏହା ଜାଣି ନାହିଁ । କିନ୍ତୁ କଥାବାର୍ତ୍ତା ଏବଂ କୂଟନୈତିକ କଥାବାର୍ତ୍ତା ସତ୍ତ୍ୱେ ଭାରତ ସମସ୍ତଙ୍କ ସହ ହାତ ମିଳାଇ ନାହିଁ (ଅଧିକାଂଶ ରାଜ୍ୟ ସହ) ଏବଂ ଦୃଢ ଭାବରେ ଠିଆ ହୋଇଛି । ଜାତିସଂଘ ମଞ୍ଚ ଉପରେ କିମ୍ବା ମସ୍କୋ ବିରୁଦ୍ଧରେ । ଏହା ବଦଳରେ ଏହା ଆମେରିକାର ପ୍ରତିବନ୍ଧକକୁ ଅତିକ୍ରମ କରି ଯୁଦ୍ଧ ବଜାରରେ ରୁଷଠାରୁ ବହୁ ପରିମାଣର ଅଶୋଧିତ ତୈଳ କ୍ରୟ କରିଥିଲା ।

ଏହା ସତ୍ୟ ଯେ ଟିକେ ବିଳମ୍ବ ହୋଇଥିଲେ ମଧ୍ୟ ବିଡେନ ପ୍ରଶାସନ ଭାରତର ବାଧ୍ୟତାମୂଳକ ବୁଝିବା ଆରମ୍ଭ କରିଛି । କିନ୍ତୁ କେତେ ଗ୍ରହଣୀୟ ତାହା ଉପରେ ଯୁକ୍ତି ପାଇଁ ସ୍ଥାନ ଅଛି । ଗତ ମାସରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆମେରିକା ଗସ୍ତ ଚିନ୍ତାର କାରଣ ହୋଇଥିଲା । ଭାରତର ବିଶାଳ ବଜାରର ପ୍ରଲୋଭନ ହେଉ କିମ୍ବା ପ୍ରଶାନ୍ତ ମହାସାଗରରେ ଚୀନ୍ ଉପରେ ଚାପ ପକାଇବା ପାଇଁ ଭାରତର କ୍ଷତଯନ୍ତ୍ର ହେଉ, ବିଡେନ ପ୍ରଶାସନ ମୋଦୀଙ୍କ ପ୍ରତି ଆକର୍ଷିତ ହୋଇଛି । ସେହି ଦେଶରେ କଂଗ୍ରେସର ମିଳିତ ସମ୍ମିଳନୀରେ ମୋଦୀଙ୍କ ପ୍ରାୟ ପ୍ରତ୍ୟେକ ବାକ୍ୟକୁ କରତାଳି ଦିଆଯାଇଛି । ୱାଶିଂଟନ୍ ଭାରତର ଉଚ୍ଚ-ବୈଷୟିକ ପ୍ରତିରକ୍ଷା ପ୍ରଣାଳୀ ଉପରେ ପ୍ରତିବନ୍ଧକ ହଟାଇ ଦେଇଛି । ଭାରତ ୩୧ଟି ସିସିଟିଭି ଡ୍ରୋନ୍ କିଣିଛି, ଯଦିଓ ବିରୋଧୀମାନେ କହିଛନ୍ତି ଯେ ସେମାନେ ବୁଝାମଣା କରିଛନ୍ତି, ଏତେ ନୁହେଁ ।

ଭାରତ-ଆମେରିକା ଏଫ-୪୧୪ (ର-୪୧୪) ଯୁଦ୍ଧ ବିମାନ ଇଞ୍ଜିନ ଉତ୍ପାଦନ ପାଇଁ ଚୁକ୍ତି କରିଛି । ଏହା ବୁଝାପଡୁଛି ଯେ ଆମେରିକା ଅତୀତର ପାକିସ୍ଥାନ କେନ୍ଦ୍ରିକତା ଛାଡି ଭାରତ ଆଡକୁ କିଛି ମାତ୍ରାରେ ଉଦାର ରାସ୍ତାରେ ଚାଲିବାକୁ ଚେଷ୍ଟା କରୁଛି । କିନ୍ତୁ ତାହା ପ୍ରଶ୍ନର ବାହାରେ । ଆମେରିକାର ଗସ୍ତରୁ ଘରକୁ ଫେରିବା ପରେ ସାଉଥ ବ୍ଲକରୁ ପ୍ରଥମ ବିଦେଶୀ ନେତା ମୋଦୀ ଡାକିଥିଲେ ଭ୍ଲାଦିମିର ପୁଟିନ । ନିକଟରେ ଆମେରିକା ଗସ୍ତରେ ମୋଦୀ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ଫୋନ୍ କଲ ପରେ ବୈଦେଶିକ ମନ୍ତ୍ରଣାଳୟ କହିଛି ଯେ ରୁଷ ସହିତ 'ବିଶେଷ ତଥା ଗୁରୁତ୍ୱପୂର୍ଣ୍ଣ ସମ୍ପର୍କ' ଆହୁରି ବିସ୍ତାର ହେବ ।

ଯଦି ଆମେ ରାଜ କପୁରଙ୍କ ସମୟକୁ ପଛକୁ ଦେଖିବା, ତେବେ ଭାରତ ଏବଂ ରୁଷ ମଧ୍ୟରେ ସହଯୋଗର ରାସ୍ତା ଏକ ଦୀର୍ଘ ରାସ୍ତାକୁ ଚାଲିଯାଏ । ସ୍ୱାଧୀନତା ପରେ ଏକ ନୂତନ ଦେଶର କାରଖାନା, ସଡକ, ବନ୍ଦର, ଏରୋସ୍ପେସ୍ ଟେକ୍ନୋଲୋଜି, ଆଣବିକ ଶକ୍ତି, ଶକ୍ତି - ଏକ ଦୂର ମସ୍କଭା ନଦୀ ଅବତରଣ କଲା । ୧୦୭୧ ମସିହାରେ, ବାଂଲାଦେଶର ମୁକ୍ତି ଯୁଦ୍ଧ ସମୟରେ ସେହି ସମ୍ପର୍କ ଗଭୀର ହେଲା । ସେହିବର୍ଷ ଅଗଷ୍ଟ ମାସରେ ଭାରତ ଓ ସୋଭିଏତ ସଂଘ ଏକ ଗୁରୁତ୍ୱପୂର୍ଣ୍ଣ ଶାନ୍ତି ସହଯୋଗ ଚୁକ୍ତି ସ୍ୱାକ୍ଷର କଲା । ମିଗ୍‌ଠାରୁ ବ୍ରହ୍ମସ୍ କ୍ଷେପଣାସ୍ତ୍ର, ଯୁଦ୍ଧ ଟ୍ୟାଙ୍କଠାରୁ ଆଣବିକ ବୁଡ଼ାଜାହାଜ ପର୍ଯ୍ୟନ୍ତ, ନୂଆଦିଲ୍ଲୀ ଓ ମସ୍କୋ ସମୟ ସହିତ ମିଳିତ ଅନୁସନ୍ଧାନର ପଥ ଅତିକ୍ରମ କରିଛନ୍ତି । ୟୁକ୍ରେନ ଉପରେ ଆକ୍ରମଣ ପୂର୍ବରୁ ପୁଟିନ ଭାରତ ଆସି ୬,୦୦୦ ଏକେ୨୦୦ (ଇକ ୨୦୦) ରାଇଫଲ ରପ୍ତାନି କରିବାକୁ ଚୁକ୍ତି ସ୍ୱାକ୍ଷର କରିଥିଲେ ।

କେବଳ ଅସ୍ତ୍ରଶସ୍ତ୍ର ଓ ପ୍ରତିରକ୍ଷା ନୁହେଁ । ନୂଆଦିଲ୍ଲୀ ଆମେରିକା ଓ ପାଶ୍ଚାତ୍ୟକୁ ବାରମ୍ବାର ମନାଇବା ପାଇଁ ଚେଷ୍ଟା କରୁଛି ଯେ ରୁଷର ନିକଟତର ହେବାର ଆଉ ଏକ ଭୂଗୋଳିକ କାରଣ ଅଛି । କେବଳ ଭାରତ ନୁହେଁ ପାଶ୍ଚାତ୍ୟ ଦେଶ ମଧ୍ୟ ବେଜିଂ ସହିତ ମସ୍କୋର ନିକଟତରତାକୁ ଏକ ନିର୍ଦ୍ଦିଷ୍ଟ ସ୍ଥାନରୁ ବଢିବାକୁ ଅନୁମତି ନଦେବାକୁ ପ୍ରାଥମିକତା ଦେଇଛି । ରୁଷର ସମ୍ପର୍କକୁ ରକ୍ଷା କରିବା ପାଇଁ ଦିଲ୍ଲୀ ମସ୍କୋରେ ଲାଗି ରହିବା ଆବଶ୍ୟକ । କେବଳ ଭାରତ ବିଭିନ୍ନ ଦିଗରେ ରଷ ସହିତ ବୁସତତ୍ରଃବୁଝାମଣା କରିପାରିବ। ପୁନଶ୍ଚ ମସ୍କୋ ଇସଲାମାବାଦ ସହିତ ଏକ ନୂତନ ପ୍ରତିରକ୍ଷା ସମ୍ପର୍କ ସୃଷ୍ଟି କରୁଛି ।

ଚାଲନ୍ତୁ ଆଉ ଥରେ ରୁଷୀୟ ଅକ୍ଷରର ସଂକ୍ଷିପ୍ତ ଶବ୍ଦକୁ ଦେଖିବା । ବର୍ତ୍ତମାନର ରୁଷର ନିଷ୍ଠୁର ଶାସନ ସବୁବେଳେ ଶୁଣିବା ଅସମ୍ଭବ ନୁହେଁ । ରଷି ନିଷ୍ଠୁର ଶାସନ ସେଠାରେ ସବୁଦିନ ପାଇଁ ଚାଲିଥିଲା । ଯାହା ଅତ୍ୟଧିକ ମାତ୍ରାରେ ନ ରହି ଏହା କେବଳ ଯଥା ସମ୍ଭବ ଭିତରେ ଆବଦ୍ଧ । ଭ୍ଲାଦିମିର ପୁଟିନଙ୍କ 'ନିଷ୍ଠୁର ଶାସନ'କୁ ସମାଲୋଚନା କରି ନୂଆଦିଲ୍ଲୀ ଦେଶର ଅସ୍ତ୍ରଶସ୍ତ୍ରର ଚାବିକୁ ହ୍ୱାଇଟ ହାଉସର ହାତରେ ଛାଡି ପାରିବ ନାହିଁ । ବର୍ତ୍ତମାନ ତାଙ୍କୁ ଯେମିତିଯେପରି ଅଛି ସେପରି ଏକ ଟାଇଗ୍ରୋପ୍ ଚାଲିବାକୁ ପଡିବ..!!!

ଅଧ୍ୟକ୍ଷ, ମହାନଦୀ ବିହାର
ମହିଳା ସ୍ନାତକ ମହାବିଦ୍ୟାଳୟ,
କଟକ -୪
ମୋ: ୯୦୪୦ ୧୫୧୪୭୫

ଶିକ୍ଷକତାକୁ ଦୂରୁ ଜୁହାର

ଶ୍ରୀବତ୍ସ ନାୟକ

(ପୂର୍ବ ପ୍ରକାଶିତ ଉତ୍ତାରୁ...)

ଶିକ୍ଷକତା ବୃତ୍ତି ପାଇଁ ପ୍ରତିଭା ସମ୍ପନ୍ନ ଛାତ୍ର ଛାତ୍ର ମାନଙ୍କର ବୈମାତୃକ ମନୋଭାବ ପଛରେ ଅନେକ କିଛି କାରଣ ଥାଇପାରେ ବୋଲି ମନେ ହୁଏ । ଓଡ଼ିଶା ସରକାରଙ୍କର ଶିକ୍ଷା ବ୍ୟବସ୍ଥାରେ ଶିକ୍ଷକ ମାନେ ବିଭିନ୍ନ ଶ୍ରେଣୀର ଅନ୍ତର୍ଭୁକ୍ତ ହେଲେଣି ଯଥା ଶିକ୍



ଆଗଧାଡ଼ିର ଅନେକ ବଲିଉଡ ଅଭିନେତାଙ୍କଠାରୁ ଧନୀ ପ୍ରିୟଙ୍କା ଚୋପ୍ରା



ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା ବଲିଉଡ ପରେ ଏବେ ହଲିଉଡରେ ନିଜର ସ୍ୱତନ୍ତ୍ର ସ୍ଥାନ ତିଆରି କରିବା ଆରମ୍ଭ କରିଛନ୍ତି । ସେ ଏବେ ଇଣ୍ଡଷ୍ଟ୍ରିର ବ୍ୟସ୍ତବହୁଳ ଅଭିନେତ୍ରୀମାନଙ୍କ ମଧ୍ୟରୁ ଜଣେ । ନିଜର ବିବୃତି ପାଇଁ ସବୁବେଳେ ଚର୍ଚ୍ଚାରେ ରହୁଥିବା ପ୍ରିୟଙ୍କା କେତେ କୋଟି ଟଙ୍କାର ମାଲିକାଣୀ ଆପଣ ଜାଣନ୍ତି କି ? ବିବାହ ପରେ ଆମେରିକାରେ ରହୁଥିବା ଏବଂ ସେଠାରେ କାମ କରୁଥିବା ପ୍ରିୟଙ୍କାଙ୍କ ସମ୍ପତ୍ତି କୌଣସି ଆଗଧାଡ଼ିର ବଲିଉଡ ଅଭିନେତାଙ୍କଠାରୁ କମ ନୁହେଁ । ନିଜ ଚେଷ୍ଟାରେ ବଲିଉଡରେ ଗଡଫାଦରଙ୍କ ବିନା ତିଷ୍ଠିବା ପ୍ରିୟଙ୍କାଙ୍କ ପାଇଁ ସହଜ ନଥିଲା । ଅନେକ ସଂଘର୍ଷ ପରେ ସେ ପ୍ରଥମେ ବଲିଉଡ ଏବଂ ଏବେ ହଲିଉଡରେ କାମ କରିବା ଆରମ୍ଭ କରିଛନ୍ତି ।

ଜଣେ ସଫଳ ଅଭିନେତ୍ରୀ ହେବା ବ୍ୟତୀତ ପ୍ରିୟଙ୍କା ଚୋପ୍ରା ଜଣେ ସଫଳ ବ୍ୟବସାୟୀ ମଧ୍ୟ । ସେ ନିକଟରେ ଅନୋମାଲି ହେୟାର କେୟାର ନାମକ ଏକ ହେୟାର କେୟାର ବ୍ରାଣ୍ଡ ଲଞ୍ଚ କରିବା ସହ ପରଫେକ୍ଟ ମୋମେଣ୍ଟ ନାମକ ପୋଷାକ ବ୍ରାଣ୍ଡରେ ବିନିଯୋଗ କରିଥିଲେ । ଏହା ସହ ନ୍ୟୁୟର୍କରେ ସୋନା ନାମକ ଏକ ରେଷ୍ଟୁରାଣ୍ଟ ମଧ୍ୟ ତାଙ୍କର ରହିଛି । ପର୍ପଲ ପେବଲ୍ ପିକ୍ଚର୍ସ ନାମକ ଏକ ପ୍ରଡକ୍ସନ୍ ହାଉସ୍ ସହିତ ସେ ଅନଲାଇନ୍ ଡେଟିଂ ଆପ୍ ବମ୍ବଲରେ ମଧ୍ୟ ଟଙ୍କା ବିନିଯୋଗ କରିଛନ୍ତି ।

ରିପୋର୍ଟ ଅନୁଯାୟୀ, ସେ ବଲିଉଡ ଚଳଚ୍ଚିତ୍ର ପାଇଁ ୧୨କୋଟି ଏବଂ ହଲିଉଡ ୱେବ୍ ସିରିଜର ପ୍ରତି ଏପିସୋଡ ପାଇଁ ୨କୋଟି ଟଙ୍କା ପାରିଶ୍ରମିକ ନିଅନ୍ତି । ଇନଷ୍ଟାଗ୍ରାମରେ ତାଙ୍କର ଗୋଟିଏ ବ୍ରାଣ୍ଡ ପୋଷ୍ଟ ପାଇଁ ସେ ୩କୋଟି ଟଙ୍କା ପାରିଶ୍ରମିକ ନେଉଥିବା ବେଳେ ଏକ ବିଜ୍ଞାପନ ପାଇଁ ୫କୋଟି ଟଙ୍କା ନିଅନ୍ତି । ଏସବୁ ସହ ଏବେ ସେ ମୋଟ ୬୨୦କୋଟି ଟଙ୍କାର ମାଲିକାଣୀ ବୋଲି କୁହାଯାଉଛି ।

ଶୋଇବାକୁ ଯିବା ପୂର୍ବରୁ ଦୀପିକାଙ୍କ ରହିଛି ଏଭଳି ଅଭ୍ୟାସ

ବଲିଉଡରେ ସଫଳ ଅଭିନେତ୍ରୀଙ୍କ ମଧ୍ୟରୁ ଦୀପିକା ପାଦୁକୋନ ହେଉଛନ୍ତି ଜଣେ । ଦୀପିକା ଯେତେଥର ବି ସାକ୍ଷାତକାର ଦେଇଛନ୍ତି ନିଜ ବ୍ୟକ୍ତିଗତ ଜୀବନକୁ ନେଇ ଖୋଲାଖୋଲି ଆଲୋଚନା କରିଥାଆନ୍ତି । ଦୀପିକାଙ୍କ ଏହି ଗୁଣକୁ ତାଙ୍କ ଫ୍ୟାନ୍ସମାନେ ଖୁବ ପସନ୍ଦ କରିଥାଆନ୍ତି ।

ନିକଟରେ ହୋଇଥିବା ଏକ ସାକ୍ଷାତକାରେ ଦୀପିକା ଶୋଇବା ପୂର୍ବରୁ କ'ଣ କରିଥାଆନ୍ତି ବା ତାଙ୍କ ଅଭ୍ୟାସ କ'ଣ ରହିଛି ସେ ବିଷୟରେ ଖୋଲାଖୋଲି ଭାବେ ସମସ୍ତଙ୍କ ସହିତ ସେ ସେୟାର କରିଛନ୍ତି ।

ଦୀପିକା କହିଛନ୍ତି, 'ଶୋଇବାକୁ ଯିବା ପୂର୍ବରୁ ମୁଁ ମୋ ତ୍ୱଚାର ଅଧିକ ଯତ୍ନ ନେଇଥାଏ । ଯେତେ କ୍ଲାନ୍ତ ଲାଗିଲେ ବି ମୁହଁରୁ ମେକଅପ ଛଡ଼ାଇଥାଏ । ମୁଁ ନିଜେ ମୋ ମେକଅପ ଛଡ଼ାଏ । ଏଥିପାଇଁ କାହାର ସାହାଯ୍ୟ ନେବାକୁ ମୋତେ ଭଲ ଲାଗି ନଥାଏ ।

ମେକଅପ ଛଡ଼ାଇବା ପରେ ନାଇଟ କ୍ରିମ ଲଗାଇଥାଏ । ଏହାପରେ ୫ମିନିଟ ଧ୍ୟାନରେ ବସିଥାଏ । ତା'ପରେ ଶୋଇବାକୁ ଯାଇଥାଏ । ଶୋଇବା ସମୟରେ ଆଦୌ ଫୋନର ବ୍ୟବହାର କରି ନଥାଏ । ଫୋନ ଧରିଲେ ମୋତେ ରାତିରେ ଭଲନିଦ ହୋଇ ନଥାଏ ଫଳରେ ଶୋଇବାରେ ବିଳମ୍ବ ହୋଇଥାଏ ।ରାତିରେ ଶୋଇବା ପୂର୍ବରୁ ସକାଳୁ ଉଠିଲେ କ'ଣ କରିବାକୁ ହେବ ସେନେଇ ତାଲିକା ପ୍ରସ୍ତୁତ କରି ଦେଇଥାଏ । ଯଦ୍ୱାରା ସବୁକାମ ଠିକ ଭାବେ ହୋଇପାରି ଥାଏ । ଏଥିପାଇଁ ମୋତେ ବିଚଳିତ ହେବାକୁ ପଡ଼ି ନଥାଏ କି କ'ଣ କରିବାକୁ ହେବ ଆଉ କ'ଣ ନକରିବାକୁ ହେବ ।

ଶେଷ ସପ୍ତାହରେ ରିଲିଜ୍ ହେବ ଓଡ଼ିଆ ଫିଲ୍ମ 'ଲଭ୍ ଇମ୍ପସିବଲ୍'

ଚଳିତ ମାସ ଶେଷ ସପ୍ତାହରେ ରିଲିଜ୍ ହେବ ମୁନ୍ ଟିଭି ମୁଭିଜ୍ ନିବେଦିତ ଓଡ଼ିଆ ଫିଲ୍ମ 'ଲଭ୍ ଇମ୍ପସିବଲ୍' । ଏହା ଏକ ତ୍ରିକୋଣୀୟ ପ୍ରେମ କାହାଣୀ । କାହାଣୀରେ ଅନେକ ଅଦ୍ଭୁଆତଦ୍ଭୁଆ ଥିଲେ ମଧ୍ୟ ଏହାର ଶେଷ ଅତ୍ୟନ୍ତ ରହସ୍ୟମୟ, ଯାହାକି ପାରିବାରିକ ବିଷୟବସ୍ତୁ ଉପରେ ପର୍ଯ୍ୟବସିତ । ସଜିକାନ୍ତ ଜେନାଙ୍କ ପ୍ରଯୋଜିତ ଏହି ଫିଲ୍ମର ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ବୈଦ୍ୟନାଥ ଦାସ । ନିକଟରେ ଏହାର ଗୀତ ରିଲିଜ୍ ହେଇଯାଇଛି । କାହାଣୀ ଓ ସଂଳାପ ଲେଖିଛନ୍ତି ରଜନୀ ରଞ୍ଜନ । ଏହି ଚଳଚ୍ଚିତ୍ର ଦର୍ଶକଙ୍କୁ ଆକୃଷ୍ଟ କରିବା ନେଇ ବେଶ୍ ଆଶାବାଦୀ ଅଛନ୍ତି ପ୍ରଯୋଜକ ସଜିକାନ୍ତ । ଫିଲ୍ମଟିରେ ଅଭିନେତା ସ୍ୱର୍ଗତ ପିଣ୍ଟୁ ନନ୍ଦଙ୍କର ଏକ ଚମତ୍କାର ଭୂମିକା ରହିଛି । ମୁଖ୍ୟ ଭୂମିକରେ ରୋହନ୍, ପୁନମ୍ ମିଶ୍ର ଓ ଅଳକା ଶତପଥୀ ଥିବାବେଳେ ଅନ୍ୟାନ୍ୟ ଭୂମିକରେ ଅଛନ୍ତି ପ୍ରତିଭା ପଣ୍ଡା, କୁସୁମ ତ୍ରିପାଠୀ, ପ୍ରମୋଦ ରାଉତ, ରୋଶନ ଭରଦ୍ୱାଜ, ବିଶ୍ୱଜିତ ଓ ନନ୍ଦିନୀ । ଶିଶୁ କଳାକାର ଭାବରେ ଆୟେଶା ଓ ତାପସ ଅଛନ୍ତି । ଫିଲ୍ମର ଗୀତ ଲେଖିଛନ୍ତି ନିର୍ମଳ ନାୟକ ଓ ସୁର ଦାଶ । କଣ୍ଠଦାନ କରିଛନ୍ତି ହ୍ୟୁମାନ୍ ସାଗର, ଅସୀମା ପଣ୍ଡା, ସତ୍ୟଜିତ୍, ଅର୍ପିତା ଚୌଧୁରୀ, ତାରିକ୍ ଅଜିଜ୍ ଓ ଉମା । ନୃତ୍ୟ ନିର୍ଦ୍ଦେଶନା ଦେଇଛନ୍ତି ସୁଧାକର ବସନ୍ତ ଓ ତ୍ରିପତି ।

ସାମନ୍ଥାଙ୍କ ପରେ ଅଭିନୟରୁ ବିରତି ନେଲେ ତେଲୁଗୁ ଅଭିନେତା ସାଇ ଧରମ ତେଜ୍



ସାମନ୍ଥାଙ୍କ ପରେ ଅଭିନୟରୁ ବିରତି ନେଲେ ତେଲୁଗୁ ଅଭିନେତା ସାଇ ଧରମ ତେଜ୍ । ୨୦୨୧ମସିହାରେ ଏକ ବାଇକ୍ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ ଅଭିନେତା । ଏବେ ତାଙ୍କର କିଛି ଜରୁରୀ ଅସ୍ତ୍ରୋପଚାର କରାଯିବାର ଆବଶ୍ୟକତା ଥିବାରୁ ସେ ୬ମାସ ପାଇଁ ଅଭିନୟରୁ ବିରତି ନେବେ । ୬ମାସ ପରେ ସେ ପୁଣି ଥରେ ଦୃଢ଼ ହୋଇ ଫେରିବେ ବୋଲି କହିଛନ୍ତି । ବିରତି ନେବା ପୂର୍ବରୁ ସେ କହିଛନ୍ତି ଯେ, "ଦର୍ଶକଙ୍କଠାରୁ କୌଣସି ଅଭିଯୋଗ ଆସିବା ଉଚିତ୍ ନୁହେଁ । ମୋର ସମସ୍ତ ଚଳଚ୍ଚିତ୍ର ପାଇଁ ମୁଁ ଭଲ ପ୍ରଦର୍ଶନ କରିବାକୁ ଚାହୁଁଛି । ମୋତେ ଏକ ଛୋଟ ଅସ୍ତ୍ରୋପଚାର କରିବାକୁ ପଡିବ ଏବଂ ମୁଁ ଅଧିକ ଶକ୍ତିଶାଳୀ ହୋଇ ଫେରିବି । ସଂପୂର୍ଣ୍ଣ ସୁସ୍ଥ ହେବା ପାଇଁ ମୋତେ ବୋଧହୁଏ ପ୍ରାୟ ୬ମାସ ଆବଶ୍ୟକ ହେବ ବୋଲି ସାଇ ନିଜ ପ୍ରଶଂସକଙ୍କୁ ଜଣାଇଛନ୍ତି । ଲ୍ଲେଖଯୋଗ୍ୟ, ସେପଟେମ୍ବର ୨୦୨୧ରେ ହାଇଦ୍ରାବାଦରେ ଏକ ବାଇକ୍ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ ଅଭିନେତା । ଏହା ପରେ ସେ କିଛି ମାସ ଧରି ଶଯ୍ୟାଶାୟୀ ଥିଲେ ଏବଂ ଦୀର୍ଘ ସମୟ ପାଇଁ କୋମାକୁ ମଧ୍ୟ ଚାଲିଯାଇଥିଲେ । ପରେ, ଯେତେବେଳେ ସେ ଏସଡିଟି୧୫ର ସେଟକୁ କାମ କରିବାକୁ ଫେରିଥିଲେ, ସେତେବେଳେ ଅଭିନେତା ଟ୍ୱିଟ୍ କରି କହିଥିଲେ ଯେ, "ଆଶ୍ଚର୍ଯ୍ୟଜନକ ସ୍ୱାଗତ ପାଇଁ ଟିମ୍ ଏସଡିଟି୧୫କୁ ଧନ୍ୟବାଦ । ପୁନର୍ବାର ସେଟ୍ଟ ଫେରିବା ମୋ ପାଇଁ ଏତେ ରୋମାଞ୍ଚକର ଏବଂ ଭାବପ୍ରବଣ ଅଟେ ଏବଂ ତୁମେମାନେ ଏହାକୁ ତୁମର ଭଲପାଇବା ସହିତ ଆହୁରି ବଢ଼ାଇଛ । ସାଇଙ୍କ ପୂର୍ବରୁ ଅଭିନେତ୍ରୀ ସାମନ୍ଥା ରୁଥ ପ୍ରଭୁ ସିଟାଡେଲ ଇଣ୍ଡିଆର ସୁଟିଂ ଶେଷ କରିବା ପରେ ଅଭିନୟରୁ ବିରତି ନେଉଥିବା କହିଥିଲେ । ସାମନ୍ଥା ଏବେ ମାୟୋସିଟିସରେ ଆକ୍ରାନ୍ତ ଥିବାରୁ ଏହାର ଚିକିତ୍ସା ପାଇଁ ସେ ବିରତି ନେଇଥିବା କୁହାଯାଉଛି ।

ପ୍ରଥମ ବିଜ୍ଞାପନରୁ ମିଳିଥିବା ୧କୋଟି ଟଙ୍କାକୁ ଦାନ କଲେ ମହେଶ ବାବୁଙ୍କ ଝିଅ

ପ୍ରଥମ ବିଜ୍ଞାପନରୁ ମିଳିଥିବା ୧କୋଟି ଟଙ୍କାକୁ ଦାନ କଲେ ମହେଶ ବାବୁଙ୍କ ଝିଅ । ତେଲୁଗୁ ସୁପରଷ୍ଟାର ମହେଶ ବାବୁଙ୍କ ଝିଅ ସୀତାରା କୌଣସି ଷ୍ଟାରଠାରୁ କମ୍ ନୁହଁନ୍ତି । ଖୁବ କମ ବୟସରୁ ସେ ଲୋକପ୍ରିୟ ହୋଇପାରିଥିବା ସହ ଇନଷ୍ଟାଗ୍ରାମରେ ତାଙ୍କର ୧.୩ ମିଲିୟନରୁ ଅଧିକ ଫଲୋୟର୍ସ ରହିଛନ୍ତି । ସୋସିଆଲ ମିଡିଆ ଷ୍ଟାର ପାଲଟିବା ପରେ କିଛି ଦିନ ତଳେ ସୀତାରା ଏକ ବଡ଼ ଗହଣା ବ୍ରାଣ୍ଡ ପାଇଁ ଆମ୍ବାସାଡାର ହୋଇଥିବା ଜଣାପଡ଼ିଥିଲା । ଅଳଙ୍କାର ବ୍ରାଣ୍ଡ ପିଏମଜେ ଜୁଏଲ୍ସ ପାଇଁ ବିଜ୍ଞାପନର ଅଂଶ ଭାବରେ ଟାଇମ୍ସ ସ୍କୋୟାର ବିଲବୋର୍ଡରେ ତାଙ୍କ ଫଟୋ ସ୍ଥାନ ପାଇଥିବା ବେଳେ ଏଥିପାଇଁ ତାଙ୍କୁ ୧କୋଟି ଟଙ୍କା ମିଳିଥିଲା । ଏବେ ଖବର ମିଳିଛି ଯେ, ବିଜ୍ଞାପନରୁ ମିଳିଥିବା ୧କୋଟି ଟଙ୍କାକୁ ସୀତାରା ଦାନ କରିଛନ୍ତି । ୧କୋଟି ଟଙ୍କା ଦାନ କରିବା ପରେ ସୀତାରା କହିଛନ୍ତି, ଟାଇମ୍ସ ସ୍କୋୟାର ବିଲବୋର୍ଡରେ ମୋର ଫଟୋ ଓ ବିଜ୍ଞାପନ ଭିଡିଓ ଦେଖି ବାପା ବହୁତ ଭାବପ୍ରବଣ ହୋଇପଡ଼ିଥିଲେ । ବିଜ୍ଞାପନ ପରେ ମୁଁ ଏବେ ଫିଲ୍ମରେ କାମ କରିବାକୁ ଇଚ୍ଛା ରଖିଛି । ତେବେ ଟାଇମ୍ସ ସ୍କୋୟାର ବିଲବୋର୍ଡରେ ଡେବ୍ୟୁ ପାଇଁ ସୀତାରାଙ୍କୁ ବହୁତ ଭଲ ପାଇବା ଏବଂ ପ୍ରଶଂସା ମିଳିବା ସହିତ ଏଥିପାଇଁ ତାଙ୍କୁ ମିଳିଥିବା ପାରିଶ୍ରମିକକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଥିଲା । ଝିଅର ଏହି ସଫଳତାକୁ ନିଜ ପ୍ରଶଂସକଙ୍କ ସହ ସେୟାର କରିଥିଲେ ମହେଶ ବାବୁ । ଇନଷ୍ଟାରେ ଟାଇମ୍ସ ସ୍କୋୟାର ବିଲବୋର୍ଡର ଫଟୋ ସେୟାର କରି ଝିଅ ପାଇଁ ବହୁତ ଖୁସି ଥିବା ଲେଖିଥିଲେ ଅଭିନେତା ।

କଳିଙ୍ଗନଗର ଶିଳ୍ପାଞ୍ଚଳରେ ମାତିଛନ୍ତି ମାଫିଆ : ୫୦୭ ଏକର ସରକାରୀ ଜମି ଜବରଦଖଲରେ

ପ୍ରଭାବଶାଳୀଙ୍କ କବ୍‌ଜାରେ ମୂଲ୍ୟବାନ ଭୂସମ୍ପତ୍ତି, ବେଆଇନ୍ କୋଠାବାଡ଼ି ବଢ଼ିଚାଲିଛି

ଦାନଗଦୀ , ୨୦/୦୭ (ନି.ପ୍ର): ଇସ୍ପାତ ରାଜଧାନୀ କଳିଙ୍ଗନଗର ଶିଳ୍ପାଞ୍ଚଳରେ ମାତିଛନ୍ତି ଜମି ମାଫିଆ । ଦାନଗଦୀ ତହସିଲ ଅଞ୍ଚଳର ମୂଲ୍ୟବାନ ସରକାରୀ ଜମିକୁ ଜବରଦଖଲ କରୁଛନ୍ତି । ଜଙ୍ଗଲ ଓ ରାଜସ୍ୱ ବିଭାଗ ଅଧୀନସ୍ଥ ଜମି ଜବରଦଖଲ କରି ଘର ନିର୍ମାଣ ସହିତ ଅଣଓଡ଼ିଆଙ୍କୁ ବିକ୍ରି କରି ଚାଲିଛନ୍ତି । ବର୍ତ୍ତମାନ ଏହି ଅଞ୍ଚଳରେ ବେଆଇନ ନିର୍ମାଣ ବଢ଼ିବାରେ ଲାଗିଛି । ସରକାରୀ ତଥ୍ୟ ଅନୁସନ୍ଧାନ ସହ ସାବକ ଓ ହାଲ୍ ଖାତା ନିରୀକ୍ଷଣରୁ ସରକାରୀ ଜମି ହଡ଼ପର ସାଂଘାତିକ ଚିତ୍ର ପଦାକୁ ଆସିଛି । ସରକାରୀ ରେକର୍ଡ ମୁତାବକ ମୋଟ ୫୦୭ଏକର ସରକାରୀ ଜମି ଏବେ ଜବରଦଖଲକାରୀଙ୍କ କବ୍‌ଜାରେ ରହିଛି । ଏହି ଜମି ମଧ୍ୟରୁ ୧୭୦ ଏକର ୪୦ ଡିସିମିଲ୍ ଅନାବାଦୀ କିସମ, ୩୭୬ ଏକର ୯୨ ଡିସିମିଲ୍ ଜମି ଗୋଚର ଓ ୬୦ ଏକର ଜମି ଜଙ୍ଗଲ କିସମ ଜମି । ଜବରଦଖଲ ଜମିରେ ଦୁଇରୁ ତିନି ମହଲା କୋଠା ଓ ଦୋକାନ ଘର ନିର୍ମାଣ ହୋଇଛି । କେତେକ ସରକାରୀ ଜମିକୁ ଅନ୍ୟମାନଙ୍କୁ ବିକ୍ରି ମଧ୍ୟ କରିଛନ୍ତି । ୨୦୧୮ ସୁଦ୍ଧା ତହସିଲ ପକ୍ଷରୁ ମୋଟ ୯୩ ଜଣ ଜବରଦଖଲକାରୀଙ୍କୁ ଉଚ୍ଛେଦ ନୋଟିସ୍ ଜାରି ହୋଇଥିଲା । ନୋଟିସ୍ ଲାଗିଥିବା ଏହି ସଂଖ୍ୟା ବର୍ତ୍ତମାନ ବହୁ ଗୁଣ ବୃଦ୍ଧି ପାଇଛି । ଜବରଦଖଲ ଉଚ୍ଛେଦ ପାଇଁ ପ୍ରଶାସନ ପଦକ୍ଷେପ ନେଉନଥିବାରୁ ନୋଟିସ୍ ପରେ ବି ଘର ଉପରେ ଘର ନିର୍ମାଣ ଚାଲିଛି । ଧୂଳିଗଡ଼ ପଞ୍ଚାୟତ ଅନ୍ତର୍ଗତ ସିଙ୍ଗାଡ଼ିଆ ଗାଁ ଭିତରେ ବେଆଇନ ଘର ନିର୍ମାଣ ବଢ଼ିବାରେ ଲାଗିଛି । ଖାତା ନମ୍ବର ୮୯ ଓ ପ୍ଲଟ ନମ୍ବର ୪୮ରେ ଥିବା ବହୁ ଅନାବାଦୀ ଜଙ୍ଗଲ ଜମି ଏବେ ଜବରଦଖଲକାରୀଙ୍କ କବ୍‌ଜାରେ ରହିଛି । କଳିଙ୍ଗନଗର ଶିଳ୍ପାଞ୍ଚଳରେ ଅଣଓଡ଼ିଆ ଠିକାଦାର ଓ ଶ୍ରମିକଙ୍କ ସଂଖ୍ୟା ବୃଦ୍ଧି ପାଉଥିବା ବେଳେ କିଛି ଜମି ଦଲାଲ ଏହାର ସୁଯୋଗରେ ସରକାରୀ ଜମି ବିକ୍ରି କରୁଛନ୍ତି ।

କିଛି ମାସ ତଳେ ତହସିଲ ପକ୍ଷରୁ ସିଙ୍ଗାଡିଆ ବଜାରରେ ସରକାରୀ ଜମିରେ ନିର୍ମାଣ ହୋଇଥିବା ଏକ ବ୍ୟବସାୟିକ ପ୍ରତିଷ୍ଠାନ ଭଙ୍ଗାଯାଇଥିଲା । ପ୍ରାୟ ୫ ହଜାର ବର୍ଗଫୁଟ ସରକାରୀ ଜମିରେ ଆବାସିକ ଘର ଓ ଦୋକାନ ଘର ନିର୍ମାଣ ହୋଇଥିଲା । ତହସିଲ ପକ୍ଷରୁ ଦୋକାନ ଘରଗୁଡିକୁ ଉଚ୍ଛେଦ କରାଯାଇଥିଲା । ଜବର ଦଖଲକାରୀଙ୍କ କାୟାବିସ୍ତାର ଯୋଗୁଁ କୌଣସି ସରକାରୀ କାର୍ଯ୍ୟାଳୟଟିଏ ଜମି ଖୋଜିଲେ ମିଳୁନାହିଁ । ଖୋଦ୍ ଦାନଗଦୀ ମୁଖ୍ୟାଳୟର ତ୍ରିଜଙ୍ଗା ମୌଜାରେ ୨ ହଜାର ଏକରରୁ ଅଧିକ ସରକାରୀ ଜମି ଜବରଦଖଲକାରୀଙ୍କ କବଜାରେ ରହିଥିବା ଅସମର୍ଥିତ ସୂତ୍ରରୁ ପ୍ରକାଶ । ସାବକ ଖାତା ମୁତାବକ ୧୯୯୧ ମସିହା ବନ୍ଦୋବସ୍ତରେ ସାମିଲ୍ ଥିବା ଅସାଧୁ କର୍ମଚାରୀଙ୍କୁ ହାତକରି କେତେକ ପ୍ରଭାବଶାଳୀ ଲୋକ ବେଆଇନ୍ ଭାବରେ ଜମିର ପଟ୍ଟା କରି ନେବାରେ ସକ୍ଷମ ହୋଇଛନ୍ତି । ଅନ୍ୟ କେତେକ ଜମିକୁ ଲୋକେ ଜବରଦଖଲ କରିଛନ୍ତି । ଜବରଦଖଲ ସଂପର୍କରେ ଦାନଗଦୀ ତହସିଲଦାର ନାରାୟଣ ଚନ୍ଦ୍ର ଦୀକ୍ଷିତ କହିଛନ୍ତି ଯେ ଯେଉଁମାନେ ବେଆଇନ ଭାବେ ସରକାରୀ ଜମିରେ ଘର କରୁଛନ୍ତି ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ । ସେମାନଙ୍କୁ ନୋଟିସ କରାଯାଇ ଘର ଉଚ୍ଛେଦ କରାଯିବ ।

କାରକୁ ପିଟିଲା ଆଇରନ ବୋଝେଇ ଟ୍ରକ : ଅଳ୍ପକେ ବର୍ତ୍ତିଲେ କାର ଚାଳକ

କୋରେଇ, ୨୦/୦୭ (ନି.ପ୍ର): ପାଣିକୋଇଲି ଥାନା ଅନ୍ତର୍ଗତ ୨୦ ନମ୍ବର ଜାତୀୟ ରାଜପଥର ପାତ୍ର ପେଟ୍ରୋଲ ପମ୍ପ ଠାରେ ଏକ ଦ୍ରୁତଗାମୀ କାରକୁ ଡାହାଣ ପଟରୁ ଏକ ଆଇରନ ବୋଝେଇ ଟ୍ରକ ପିଟିବା ଯୋଗୁଁ କାର ର ଚାଳକ ଅଳ୍ପକେ ବର୍ତିଯାଇଛନ୍ତି । ପ୍ରକାଶ ଯେ ଆଜି ମଧ୍ୟାନ ସମୟରେ ପାଣିକୋଇଲି ଆଡୁ ଯାଜପୁର ରୋଡ ଆଡକୁ ଯାଉଥିବା ଏହି କାରକୁ(ଓଡ଼ି୦୨ବିଏନ ୪୯୭୨) ପାରାଦୀପ ରୁ ଆଇରନ ମାଲ ଖାଲି କରି ଏକ ୧୨ଚକିଆ ଟ୍ରକ ଯାହାର ନମ୍ବର (ଓଡ଼ି ୦୫ଜିଜି୪୬୧) ଯାଜପୁର ରୋଡ ଆଡକୁ ଯାଉଥିବା କାରକୁ ଦ୍ରୁତଗତିରେ ଆସି ଭାରସାମ୍ୟ ହରାଇବା ଯୋଗୁଁ ପାଣିକୋଇଲି ସ୍ଥିତ ପାତ୍ର ପେଟ୍ରୋଲ ପମ୍ପ ସମ୍ମୁଖରେ କାରଟି କୁ ଡାହାଣ ପଟୁ ପିଟି ଦେଇଥିଲେ । ଫଳରେ କାର ଚାଳକ ରଙ୍ଗରଙ୍ଗା ଅଂଚଳର ବ୍ୟକ୍ତି ଆହତ ହୋଇଥିଲେ । କାରଟିର ଡାହାଣ ପଟ ସମ୍ପୂର୍ଣ୍ଣ ରୁପେ ଭାଙ୍ଗିରୁଜି ଯାଇଛି । ଏନେଇ ଘଟଣା ସ୍ଥଳରେ ଜୋରସର ପାଟିତୁଣ୍ଡ ଲାଗିବାରୁ ଖବର ପାଇ ପାଣିକୋଇଲି ପୁଲିସ ପହଁଚି ଆହତ କାର ଚାଳକଙ୍କୁ ପ୍ରଥମେ ପ୍ରାଥମିକ ଚିକିତ୍ସା କରିଥିବା ଜଣାପଡିଛି । ପାଣିକୋଇଲି ପୁଲିସ ଉଭୟ ଦୁର୍ଘଟଣାଗ୍ରସ୍ତ କାର ଓ ଟ୍ରକଟିକୁ ଜବତ କରିଛି ।ଏନେଇ ପୁଲିସ ତଦନ୍ତ ଜାରି ରଖିଛି ।

କୃତୀ ଭିନ୍ନକ୍ଷମ ଛାତ୍ର ବରଜଙ୍କୁ ଜିଲ୍ଲା ପ୍ରଶାସନର ସମ୍ବର୍ଦ୍ଧନା

କେନ୍ଦ୍ରାପଡ଼ା, ୨୦/୦୭ (ନି.ପ୍ର): ପଦାର୍ଥ ବିଜ୍ଞାନରେ ସର୍ବୋଚ୍ଚ ନମ୍ବର (୯୨%) ରଖି କୃତୀତ୍ୱ ଅର୍ଜନ କରିଥିବା ଭିନ୍ନକ୍ଷମ ଛାତ୍ର ବରଜଙ୍କୁ ଜିଲ୍ଲା ପ୍ରଶାସନ ପକ୍ଷରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ଜିଲ୍ଲାପାଳ ଅମ୍ରିତ ରତୁରାଜଙ୍କ ଆବାସିକ କାର୍ଯ୍ୟାଳୟରେ ଏନେଇ ଅନୁଷ୍ଠିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବରଜଙ୍କୁ ଫୁଲତୋଡା, ଉତରୀୟ ଓ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୩୦ ହଜାର ଟଙ୍କାର ଏକ ମଞ୍ଜୁରୀ ପତ୍ର ପ୍ରଦାନ ସହ ସମ୍ବର୍ଦ୍ଧିତ କରାଯାଇ ଉତୋରତର ଉନ୍ନତି କାମନା କରିଥିଲେ । ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ପିତାମ୍ବର ସାମଲ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ ଉପସ୍ଥିତ ଥିଲେ । ବରଜ ଜିଲ୍ଲାପାଳଙ୍କ ସହ କିଭଳି ୟୁ.ପି.ଏସ୍.ସି ପରୀକ୍ଷା ପାଇଁ ପ୍ରସ୍ତୁତି ହେଉଛି ସେ ବିଷୟରେ ମତ ବିନିମୟ କରିବା ସହ ସଫଳତା ପାଇଁ ପରାମର୍ଶ ନେଇଥିଲେ । କେନ୍ଦ୍ରାପଡା ସ୍ୱୟଂ ଶାସିତ ମହା ବିଦ୍ୟାଳୟର କୃତୀ ଛାତ୍ର ଭାବେ ସଫଳତା ଅର୍ଜନ କରିଥିବା ବେଳେ ବରଜ ମାଟ୍ରିକ ପରୀକ୍ଷା ପରଠାରୁ ଜିଲ୍ଲା ପ୍ରଶାସନ ପାଖରୁ ପାଇଥିବା ବିଭିନ୍ନ ସହଯୋଗ ସହାୟତା ପାଇଁ କୃତଜ୍ଞତା ଜଣାଇଥିଲେ । ତାଙ୍କୁ ଉଚ୍ଚତର ଶିକ୍ଷା ନିମନ୍ତେ ସମସ୍ତ ପକାର ସହ ଯୋଗ ଓ ଆର୍ଥିକ ସହାୟତା ପ୍ରଦାନ କରାଯିବ ବୋଲି ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀ ଦାସ ପ୍ରତିଶ୍ରୁତି ଦେଇଥିବା ଜଣାପଡିଛି ।

ଅଟୋ ମାଲିକ ସଂଘ ସହ ପ୍ରଶାସନର ବୈଠକ

ଜୟପୁର , ୨୦/୦୭ (ନି.ପ୍ର): ଜୟପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଅଟୋ ମାଲିକ ସଂଘ, ଚାଳକ ସଂଘ ସହ ପ୍ରଶାସନର ବୈଠକ ଅନୁଷ୍ଠିତ ହୋଇଛି । ଗତ ଦିନରେ ଜୟପୁର ନାଗରିକ କମିଟି ତରଫରୁ ଅଟୋ ଦର ନିର୍ଦ୍ଧାରିତ କରିବା ସହ ସହରରେ ଟାଉନ ବସ ଚଳ ପ୍ରଚଳ କରିବାକୁ ଦାବି କରାଯାଇଥିଲା । ଜୟପୁର ଠାରୁ ଜିଲା ଚିକିତ୍ସାଳୟ, ରେଳ ଷ୍ଟେସନ, ଏୟାର ପୋର୍ଟ, ଆଦର୍ଶ ବିଦ୍ୟାଳୟ ବସ ଷ୍ଟାଣ୍ଡ ଠାରୁ ବହୁ ଦୂରରେ ରହିଛି । ଲୋକ ମାନେ ଚାଲିକି ଯାଇ ପାରୁ ନାହାଁନ୍ତି । ଅଧିକା ଦର ଦେଇ ଅଟୋରେ ଯିବାକୁ ପଡୁଛି । ଅଟୋରେ କାହାରି ମିଟର ନାହିଁ । ଅଟୋ ଚାଳକ ମାନେ ମନ ଇଚ୍ଛା ଟଙ୍କା ଦାବି କରୁଛନ୍ତି । ଯାତ୍ରୀ ମାନେ ହଇରାଣ ହରକତ ହେଉଛନ୍ତି । ସେଥି ପାଇଁ ଟାଉନ ବସ ଗୋଟିଏ ଚଳା ଚଳ କରିବାକୁ ନାଗରିକ କମିଟିର ସଭାପତି ମିନ କେତନ ଦାସ ଦାବି କରିଥିଲେ । ଜୟପୁର ନାଗରିକ କମିଟିର ଦାବିକୁ ଜୟପୁର ଉପଖଣ୍ଡ ପ୍ରଶାସନ ଗୁରୁତର ସହ ନେଇ ବୈଠକ ଡକାଇଥିଲେ । ଜୟପୁର ଉପ ଜିଲାପାଳ ବେଦ ବର ପ୍ରଧାନଙ୍କ ଆହ୍ୱାନରେ ଅନୁଷ୍ଠିତ ବୈଠକରେ ଏସଡିପିଓ ହରିସି ବିସି, ପୌର ଅଧକ୍ଷ ନରେନ୍ଦ୍ର କୁମାର ମହାନ୍ତି, ପୌର କାର୍ଯ୍ୟନିବାହୀ ଅଧିକାରି ସିଦ୍ଧାର୍ଥ ପଟ୍ଟନାୟକ, ତହସିଲଦାର ସାଗରିକା ଷଡଙ୍ଗି ପ୍ରମୁଖ ଉପସ୍ଥିତ ଥିଲେ । ବୈଠକରେ ସମସ୍ତ ଅଟୋର ପଞ୍ଜିକରଣ କରାଯାଇ ନମ୍ବରିଙ୍ଗ କରାଯିବ । ସମସ୍ତ ଡ୍ରାଇଭର ଓ ମାଲିକର ନମ୍ବର ଅଟୋ ପଛରେ ରହିବ । ସମସ୍ତ ଙ୍କୁ ପରିଚୟ ପତ୍ର ପ୍ରଦାନ କରାଯିବ । ରାସ୍ତା କଡରେ ବସି ବିକ୍ରି କରୁଥିବା ବିକାଳିକୁ ମଧ୍ୟ ପରିଚୟପତ୍ର ପ୍ରଦାନ କରାଯିବ । ପୋଲିସ ଓ ପୌର ପାଳିକା ମିଳିତ ଭାବେ ପଞ୍ଜି କରଣ କରାଯିବ । ଦର ନିର୍ଦ୍ଧାରଣ ହୋଇପାରି ନଥିଲା । ଆସନ୍ତା ଅଗଷ୍ଟ ୧୫ ତାରିଖ ପରେ ଦର ନିର୍ଦ୍ଧାରଣ ହେବ ବୋଲି ନିଷ୍ପତି ହୋଇଛି । ସହରରେ ମନ ଇଚ୍ଛା ରହିଥିବା ହମ୍ପସ ହଟାଯିବ । ଓ୍ୱେଲକମ ଛକ ଠାରୁ ସଙ୍ଗିତ ହୋଟେଲ ଯାଏ ରାସ୍ତା କଡରୁ ବିକାଳିକୁ ହଟାଯିବା ସହ କୌଣସି ଅଟୋ ଉକ୍ତ ରାସ୍ତାରେ ପ୍ରବେଶ ମନା କରାଯାଇଛି । ବାରିଣିପୁଟ ଠାରୁ ରେଳ ଷ୍ଟେସନ, ଓୟାର ପୋର୍ଟ, ଜିଲା ହସପିଟାଲ କୁ ସହର ଦେଇ ସିଟି ବସ ଚଳା ଚଳ କରିବାକୁ ଆଲୋଚନା କରାଯାଇଛି । ବୈଠକରେ ନାଗରିକ କମିଟିର ସଭାପତି ମିନ କେତନ ଦାସ, ସୁରେଶ ଦାଶ, ଅଟୋ ମାଲିକ ସଂଘର ଅନିଲ କୁମାର ପଣ୍ଡା, ଉପ ସଭାପତି କାହ୍ନୁ ଚରଣ ଗନ୍ତାୟତ, ଆଇନଜୀବି ଚିନ୍ମୟି ସାହୁ , ଆରଟିଓ, କର୍ମଚାରି, ଅଟୋ ମଲିକ ପ୍ରମୁଖ ଉପସ୍ଥିତ ଥିଲେ ।

ବିଦ୍ୟାଳୟକୁ ଜଳ ବିଶୁଦ୍ଧକରଣ ଯନ୍ତ୍ର ପ୍ରଦାନ

ଜୟପୁର , ୨୦/୦୭ (ନି.ପ୍ର): ଜୟପୁର ରୋଟାରି କ୍ଲବ ପ୍ରାଇଡ ତରଫରୁ ଜଳ ବିଷୁଦ୍ଧକରଣ ଯନ୍ତ୍ର ଜୟପୁର ସହର କୁନ୍ଦାରିଗୁଡା ପ୍ରାଥମିକ ବିଦ୍ୟାଳୟକୁ ପ୍ରଦାନ କରାଯାଇଛି । ପୂର୍ବତନ ସଭାପତି ରାମ ନାଥ ସାହୁଙ୍କ ଅନୁମୋଦନ କ୍ରମେ ପୂର୍ବତନ ଜିଲା ଗର୍ଭର୍ଣ୍ଣର ଏହି ପ୍ରସ୍ତାବକୁ ପାରିତ କରିଥିଲେ । ଆଜି ରୋଟାର କ୍ଲବ ପ୍ରାଇଡର ସଭାପତି ଅଶୋକ ମିଶ୍ର , ରାମ ହରି ପଣ୍ଡା, ପ୍ରଦିପ ସାମନ୍ତରାୟ, ମୁରଲି ସାବତ, ସନ୍ତୋଷ ମହାପାତ୍ର , ନିଦେଶ ପାତ୍ର, କାହ୍ନୁ ପାତ୍ର, ଏମ ରୁତିକେଶ, କାଳୁରାମ ପଣ୍ଡା, ପ୍ରଦିପ ସାହୁ, ନରେଶ ମହାକୁଲ , ପ୍ରଭାକର ଚୌଧୁରି , ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରି ସୌଦାମିନି ସାହୁ, ଶିକ୍ଷୟତ୍ରୀ ଗିତାରାଣି ପାଢୀ ,ମନ୍ଦାକିନି ସାବତ ଉପସ୍ଥିତ ଥିଲେ । ଆଗାମୀ ଦିନରେ ଏପରି କାର୍ଯ୍ୟକ୍ରମ କରାଯିବ ବୋଲି ସଭାପତି ମିଶ୍ର ସୂଚନା ଦେଇଛନ୍ତି ।

ନରସିଂହପୁର ଗ୍ରାମପଂଚାୟତରେ ଆକାଶଙ୍କ ମିଶନ୍ ସବୁଜ କୋରେଇ କାର୍ଯ୍ୟକ୍ରମ ସଫଳ

କୋରେଇ, ୨୦/୦୭ (ନି.ପ୍ର): କୋରେଇ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ରସୁଲପୁର ବ୍ଲକ୍ ନରସିଂହପୁର ଗ୍ରାମପଂଚାୟତ ମଦନମୋହନଜୀଉ ମଠ, ନରସିଂହପୁର ସରକାରୀ ଉଚ୍ଚବିଦ୍ୟାଳୟ, ନରସିଂହପୁର ମହାବୀର କ୍ଲବ୍, ନରସିଂହପୁର ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ପ୍ରାଙ୍ଗଣରେ କୋରେଇର ପୂର୍ବତନ ବିଧାୟକ, ବର୍ତମାନ ଓଡିଶା ସରକାରଙ୍କର ମୋ କଲେଜ ଅଧକ୍ଷ ଆକାଶ ଦାସନାୟକଙ୍କ "ମିଶନ୍ ସବୁଜ କୋରେଇ" ଅଭିଯାନରେ ୧୦୦ ବୃକ୍ଷରୋପଣ କରାଯାଇଥିଲା । ବୃକ୍ଷରୋପଣ କାର୍ଯ୍ୟାଳୟ ଶେଷପରେ ନରସିଂହପୁର ଓ ହରିପୁର ଗ୍ରାମରେ ଘରେ ଘରେ ୧୦୦୦ ବୃକ୍ଷ ବଣ୍ଟନ କରାଯାଇଥିଲା । ପିଜୁଳି, ଓଉ, ଆମ୍ବ, ପଣସ, ଶାଗୁଆନ୍, ଆତ, କାଜୁ, ଦେବଦାରୁ, ଆକାଶିଆ ଆଦି ବିଭିନ୍ନ ପ୍ରକାର ଫଳବୃକ୍ଷ ବଂଟନ କରାଯାଇଥିଲା । ଏହି ପରିପ୍ରେକ୍ଷୀରେ ଶ୍ରୀ ଦାସନାୟକ କହିଥିଲେ - ପରିବେଶ କହିଲେ ସାଧାରଣତଃ ପ୍ରକୃତି ସହିତ ଜୀବନ ଧାରଣର ମାନଦଣ୍ଡକୁ ବୁଝାଏ । ବିଶ୍ୱନିୟନ୍ତା ଈଶ୍ୱର ସୃଷ୍ଟିର ପ୍ରାରମ୍ଭରୁ ଜୀବନ ଧାରଣ ନିମନ୍ତେ ଅଗ୍ନି, ଜଳ, ବାୟୁ, ମାଟି ଓ ଆଲୋକ ଭଳି ପ୍ରାକୃତିକ ତତ୍ୱଗୁଡିକ ନିଃଶୁଳ୍କ ମୂଲ୍ୟରେ ଯୋଗାଇଦେଇଛନ୍ତି । ଯାହାଦ୍ୱାରା ପୃଥିବୀପୃଷ୍ଠରେ ଜୀବଜଗତ ତିଷ୍ଠି ରହିପାରିଛି । ଉକ୍ତ ୫ଟି ଉପାଦାନକୁ ନେଇ ପରିବେଶ ଗଠନ ହୋଇଛି । ଈଶ୍ୱର ଜୀବଜଗତ ବଂଚି ରହିବା ପାଇଁ ଗଛଲତା, ନଦୀ, ସମୁଦ୍ର ଆଦି ସୃଷ୍ଟି କରିଛନ୍ତି । ଯାହାକି ଜୀବଜଗତକୁ ଜୀବନଧାରଣ ନିମନ୍ତେ ଅମ୍ଳଜାନ, ଔଷଧ, ଖାଦ୍ୟ ଓ ବାସସ୍ଥାନ ଯୋଗାଇଆସିଛି । କିନ୍ତୁ ମନୁଷ୍ୟ ଲୋଭ ଓ ସ୍ୱାର୍ଥସାଧନ ନିମନ୍ତେ ଦିନକୁ ଦିନ ପ୍ରକୃତି ଓ ପରିବେଶ ଉପରେ ଦାଉ ସାଧୁଛି । ନିଜର ସ୍ୱାର୍ଥ ସାଧନ ନିମନ୍ତେ ଅବାଧ ଗଛକଟା ଯୋଗୁ ଦିନକୁ ଦିନ ଗ୍ଲୋବାଲ ୱାର୍ମିଂ ପ୍ରଭାବ ବଢିବଢି ଚାଲିଛି । ଫଳସ୍ୱରୂପ ଦିନ ତାପମାତ୍ର ବଢିଚାଲିଥିବାବେଳେ ବର୍ଷାର ପରିମାଣ କମିକମି ଆସିଲାଣି । ମଣିଷ ସମେତ ସମଗ୍ର ଜୀବଜଗତର ଜୀବନ ଧାରଣ ନିମନ୍ତେ ଶୁଦ୍ଧ ଅମ୍ଳଜାନର ଆବଶ୍ୟକତା ରହିଛି । କିନ୍ତୁ ଅବାଧ ଗଛକଟା ସହିତ କଳକାରଖାନା ଓ ଗାଡିମଟରର ଅହେତୁକ ସଂଖ୍ୟା ବୃଦ୍ଧି ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ଓ କାର୍ବନ ମନୋକ୍ସାଇଡ୍, କ୍ଲୋରୋଫ୍ଲୋରୋ କାର୍ବନ, ମିଥେନ୍, ନାଇଟ୍ରସ୍ ଅକ୍ସାଇଡ୍ ଭଳି ବିଷାକ୍ତ ଗ୍ୟାସ ବୃଦ୍ଧି କରିଥାଏ । ଫଳସ୍ୱରୂପ ବାୟୁମଣ୍ଡଳରେ ଥିବା ଓଜୋନ୍ ସ୍ତରରେ ରନ୍ଧ୍ର ହେବାଯୋଗୁଁ ସୂର ?ୟ୍ୟଙ୍କ ଠାରୁ ବିକିରଣ ହେଉଥିବା ଅତି ବାଇଗଣୀ ରଶ୍ମି ପୃଥିବୀପୃଷ୍ଠରେ ପଡିଥାଏ । ଯାହାକି ତାପମାତ୍ରା ବୃଦ୍ଧି ସହିତ ଚର୍ମକର୍କଟ ଭଳି ରୋଗକୁ ସୃଷ୍ଟି କରିଥାଏ । ଆସନ୍ତୁ ସମସ୍ତଙ୍କ ସହଯୋଗରେ ବୃକ୍ଷରୋପଣ କରିବା । କୋରେଇକୁ ସବୁଜସୁନ୍ଦର କରି ଗଢିତୋଳିବା । ଆଗାମୀ ଦିନରେ କୋରେଇ ନିର୍ବାଚନ ମଣ୍ଡଳୀର ପ୍ରତ୍ୟେକ ଘରେ ଘରେ ଗଛ ପହଂଚାଇବା ପାଇଁ ଶ୍ରୀ ଦାସନାୟକ ପ୍ରୟାସ ଜାରି ରଖିଛନ୍ତି । ଏହି କାର୍ଯ୍ୟାଳୟରେ ୩୩ନଂ ଜିଲ୍ଲା ପରିଷଦ ସଭ୍ୟ ଶିଶିର ମହାନ୍ତି, ପୂର୍ବତନ ସରପଂଚ ତଥା ନରସିଂହପୁର ଗ୍ରାମପଂଚାୟତର ବିଜେଡି ସଭାପତି ଭାସ୍କର ଚନ୍ଦ୍ର ସାହୁ, ପୂର୍ବତନ ସରପଂଚ ପ୍ରଭାସିନୀ ନାୟକ, ସମାଜସେବୀ ପ୍ରହଲ୍ଲାଦ ପଣ୍ଡା, ସୁବାଷ ନାୟକ, ଜୟନ୍ତ ନାୟକ, ପଦ୍ମଲୋଚନ ନାୟକ, ଗୋପାଳ ନାୟକ, ଆତୁଳ ବାରିକ, ରବିନ୍ଦ୍ର ବେହୁରିଆ, ହଳଧର ମହାନ୍ତି, ରତ୍ନାକର ସାହୁ, ପ୍ରମୋଦ ଜେନା, ସମରେନ୍ଦ୍ର ଜେନା, ସୁରେଶ ନାୟକ, ପବନ ବାରିକ, ଗୌରାଙ୍ଗ ମିଶ୍ର, ଗଣେଷ ସାହୁ, ରବିନ୍ଦ୍ର ସାହୁ ପ୍ରମୁଖ ସହଯୋଗ କରିଥିଲେ ।

ଇଥାନଲ୍ ପ୍ଲାଣ୍ଟକୁ ବିରୋଧ : କୀଟନାଶକ ବୋତଲ ଧରି ଚାଷୀଙ୍କ ଆତ୍ମହତ୍ୟା ଧମକ

ବିଜେପୁର , ୨୦/୦୭ (ନି.ପ୍ର): ବରଗଡ଼ ଜିଲ୍ଲା ବିଜେପୁର ବ୍ଲକ୍ ସମଲେଇପଦର ପଞ୍ଚାୟତ ମନୋହରପାଲି ଗ୍ରାମରେ ଗଢ଼ି ଉଠିଥିବା ଘରୋଇ ଇଥାନଲ୍ କାରଖାନାକୁ ବିରୋଧ କରି ଅଞ୍ଚଳବାସୀଙ୍କ ମଧ୍ୟରେ ଥିବା ପୁଞ୍ଜିଭୂତ ଅସନ୍ତୋଷ ଉଗ୍ର ହୋଇଛି । ଏହି କାରଖାନକୁ ବନ୍ଦ କରିବା ପାଇଁ ଲୋକେ ବିକ୍ଷୋଭ କରିବା ସହିତ କୀଟନାଶକ ପିଇ ସମୂହ ଆତ୍ମହତ୍ୟା କରିବେ ବୋଲି ଧମକ ଦେଇଛନ୍ତି । ଚଳିତ ମାସ ଶେଷ ସୁଦ୍ଧା ଏହାର ସମାଧାନ ଉଦ୍ୟମ ହେବ ବୋଲି ଉପଜିଲ୍ଲାପାଳ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ସ୍ଥଗିତ ରହିଛି ।ଏହି ପ୍ଲାଣ୍ଟ ନିର୍ମାଣ ହେବା ଦିନରୁ ହିଁ ଲୋକେ ବିରୋଧ କରୁଛନ୍ତି । କାରଖାନାରୁ ନିର୍ଗତ ବିଷାକ୍ତ ଧୂଆଁରେ ଲୋକେ ଅଣନିଃଶ୍ୱାସୀ ହେବା ସହ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି । ଗାଁର ପରିବେଶ ବି ବିପନ୍ନ ହେଉଛି । ପ୍ରବଳ ଦୁର୍ଗନ୍ଧ ଯୋଗୁଁ କାରଖାନା ସନ୍ନିକଟ ପ୍ରାଥମିକ ବିଦ୍ୟାଳୟରେ ପିଲା ପାଠ ପଢ଼ିବାକୁ ଅମଙ୍ଗ ହେଉଛନ୍ତି । ତେଣୁ ଏସବୁ ଅସୁବିଧା ନେଇ ଲୋକେ ପ୍ରଶାସନକୁ ଏକାଧିକ ଥର ଜଣାଇଥିଲେ । ଇତିମଧ୍ୟରେ ମାଲିକ ନିଜ କାରଖାନାକୁ ରାସ୍ତା ସଂଯୋଗ ପାଇଁ ଉଦ୍ୟମ କରୁଥିବାରୁ ଉତ୍ତ୍ୟକ୍ତ ଗ୍ରାମବାସୀ ରାସ୍ତା ବନ୍ଦ କରିବା ସହିତ ରାସ୍ତା ଉପରେ ପାଚେରି ନିର୍ମାଣ କରି କାମ ବନ୍ଦ କରିଛନ୍ତି । ଦୁଇ ଦିନ ହେଲା ମୁଖ୍ୟ ରାସ୍ତା ତଥା ଉକ୍ତ ରାସ୍ତାରୁ କାରଖାନା ଯିବା ବାଟକୁ ଅବରୋଧ କରି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି ।

ଶିଖରଚଣ୍ଡୀ ପାହାଡ଼ର ଜୈବ ବିବିଧତା ନଷ୍ଟ ପ୍ରସଙ୍ଗ : ୧୦ ହଜାର ଗଛ ଲଗାଇବ ଓଏଫ୍‌ଡିସି

ଚନ୍ଦ୍ରଶେଖରପୁର, ୨୦/୦୭ (ନି.ପ୍ର): ଶିଖରଚଣ୍ଡୀ ପାହାଡ଼ର ଜୈବ ବିବିଧତା ନଷ୍ଟ ପ୍ରସଙ୍ଗକୁ ନେଇ ବିବାଦ ଥମିବାର ନାଁ ନେଉନି । ଗୋଟିଏ ପଟେ ନ୍ୟାସନାଲ ଗ୍ରିନ୍ ଟ୍ରିବ୍ୟୁନାଲ୍ (ଏନ୍‌ଜିଟି)ରେ ମାମଲାର ଶୁଣାଣି ଜାରି ରହିଥିବା ବେଳେ ଅନ୍ୟପଟେ

ଭଦ୍ରକ ଜିଲ୍ଲା ପ୍ରଶାସନର ତୁରନ୍ତ ପଦକ୍ଷେପ

ବସ୍ ଦୁର୍ଘଟଣାରୁ ନିରାପଦରେ ଉଦ୍ଧାର ହେଲେ ସମସ୍ତ ଯାତ୍ରୀ

ଭଦ୍ରକ, ୨୦/୦୭ (ନି.ପ୍ର): ଭଦ୍ରକ ଜିଲ୍ଲା ପ୍ରଶାସନର ତୁରନ୍ତ ସହଯୋଗ ଯୋଗୁଁ ଭଣ୍ଡାରିପୋଖରୀ ଠାରେ ଘଟିଥିବା ଏକ ବଡ଼ ବସ୍ ଦୁର୍ଘଟଣାରୁ ବିନା ଜୀବନହାନୀରେ ସମସ୍ତ ଯାତ୍ରୀଙ୍କୁ ଉଦ୍ଧାର କରାଯାଇ ପାରିଛି । ସୂଚନାଯୋଗ୍ୟକି ପଶ୍ଚିମବଙ୍ଗରୁ ଏକ ଟୁରିଷ୍ଟ ବସ୍ ଭୁବନେଶ୍ୱର ଅଭିମୁଖେ ଯାତ୍ରା କରୁଥିବା ବେଳେ ଭଣ୍ଡାରିପୋଖରୀ ପ୍ରେଟ୍ରୋଲ ପମ୍ପରୁ କିଛି ଦୂରରେ ଭାରସାମ୍ୟ ହରାଇ ଜାତୀୟ ରାଜପଥର ବାମପାର୍ଶ୍ୱକୁ ଓଲଟି ପଡ଼ିଥିଲା । ଖବର ପାଇବା କ୍ଷଣି ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ପ୍ରଶାସନ ତତ୍କ୍ଷଣାତ୍ ସେଠାରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଦେଇଥିଲା । ପୋଲିସ, ଅଗ୍ନିଶମ, ସ୍ୱାସ୍ଥ୍ୟ, ଆଞ୍ଚଳିକ ପରିବହନ ପ୍ରଭୃତି ସଂପୃକ୍ତ ବିଭାଗୀୟ ଅଧିକାରୀ, କର୍ମଚାରୀ ପହଞ୍ଚି ସମସ୍ତେ ଉଦ୍ଧାର କାର୍ଯ୍ୟରେ ଲାଗି ଯାତ୍ରୀମାନଙ୍କୁ ନିରାପଦରେ ବସ୍ ଭିତରୁ ବାହାର କରିଥିଲେ । ଆମ୍ବୁଲାନସ୍ ଯୋଗେ ସମସ୍ତ ଆହତମାନଙ୍କୁ ଭଣ୍ଡାରିପୋଖରୀ ଡ଼ାକ୍ତରଖାନାକୁ ପଠାଇବା ସହିତ ଗୁରୁତରମାନଙ୍କୁ ସଂଗେ ସଂଗେ ଭଦ୍ରକ ମୁଖ୍ୟ ଡ଼ାକ୍ତରଖାନାକୁ ରେଫର କରାଯାଇଥିଲା । ଭଣ୍ଡାରିପୋଖରୀ ଡ଼ାକ୍ତରଖାନାର ସ୍ୱାସ୍ଥ୍ୟ ଅଧିକାରୀ ଏବଂ ଟିମ୍ ୧୦୮ ଆମ୍ବୁଲାନସ୍, ଜିଲ୍ଲା ହସ୍ପିଟାଲର ଆମ୍ବୁଲାନସ୍, ଆଖପାଖ ଡ଼ାକ୍ତରଖାନାର ସ୍ୱାସ୍ଥ୍ୟ କର୍ମଚାରୀ ଓ ଆମ୍ବୁଲାନସ ଏହି ଉଦ୍ଧାର ଓ ଚିକିତ୍ସା କାର୍ଯ୍ୟରେ ସାମିଲ ଥିଲେ । ଭଣ୍ଡାରିପୋଖରୀ ଆଇ.ଆଇ.ସି ତପନ ପ୍ରଧାନ, ଏମ୍.ଭି.ଆଇ. ସେକ୍ ଅବଦୁଲ ରହିମ୍, ଅଗ୍ନିଶମ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ଏହି ଉଦ୍ଧାର କାର୍ଯ୍ୟରେ ପ୍ରମୁଖ ଭୂମିକା ନିଭାଇଥିଲେ । ସୂଚନା ଯୋଗ୍ୟକି ଜିଲ୍ଲା ପ୍ରଶାସନର ତୁରନ୍ତ ପଦକ୍ଷେପ ପାଇଁ ଜଣେ ହେଲେ ବି ମୃତ୍ୟୁବରଣ କରି ନାହାନ୍ତି । ବସରେ ଥିବା ସମୁଦାୟ ୬୦ ଜଣ ଯାତ୍ରୀମାନଙ୍କ ମଧ୍ୟରୁ ୪୧ ଜଣ ଭଣ୍ଡାରିପୋଖରୀ ଡ଼ାକ୍ତରଖାନାରେ ଭର୍ତ୍ତି ହୋଇଥିଲେ । ସେମାନଙ୍କ ମଧ୍ୟରୁ ୧୨ ଜଣଙ୍କୁ ଜିଲ୍ଲା ମୁଖ୍ୟ ଡ଼ାକ୍ତରଖାନାକୁ ରେଫର ହୋଇଥିଲେ । ସେଠାରୁ ୨ଜଣଙ୍କୁ କଟକ ରେଫର କରାଯାଇଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା ଚିକିତ୍ସିତ ଅଛନ୍ତି । ୧୦ ଜଣଙ୍କ ଅବସ୍ଥା ଠିକ୍ ଅଛି । ସାମାନ୍ୟ ଆହତମାନଙ୍କୁ ପ୍ରାଥମିକ ଚିକିତ୍ସା ପରେ ଛାଡ଼ି ଦିଆଯାଇଛି । ତେବେ ସମସ୍ତେ ବିପଦମୁକ୍ତ ଥିବା ଡ଼ାକ୍ତରଖାନା ସୂତରୁ ପ୍ରକାଶ । ଭଣ୍ଡାରିପୋଖରୀ ବି.ଡ଼ି.ଓ. ଦେବଦତ୍ତ ଦାସ, ତହସିଲଦାର ସରୋଜକାନ୍ତ ନାୟକ, ବିଧାୟକଙ୍କ ପ୍ରତିନିଧି ପ୍ରୟାସକାନ୍ତ ସାମଲ ଓ ଅନ୍ୟ ଜନପ୍ରତିନିଧି ଏହି ଉଦ୍ଧାର କାର୍ଯ୍ୟକୁ ତଦାରଖ କରିବା ସହ ଡ଼ାକ୍ତରଖାନାରେ ପହଞ୍ଚି ଗୁରୁତର ଆହତମାନଙ୍କୁ ଜିଲ୍ଲା ହସ୍ପିଟାଲକୁ ପଠାଇବା, ସମସ୍ତ ଯାତ୍ରୀଙ୍କ ପାଇଁ ଖାଦ୍ୟ ପାନୀୟ ଆଦି ବ୍ୟବସ୍ଥା ମଧ୍ୟ ବୁଝିଥିଲେ । ସ୍ଥାନୀୟଲୋକ ମଧ୍ୟ ଉଦ୍ଧାର କାର୍ଯ୍ୟରେ ସହଯୋଗ କରିଥିଲେ ।

ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ସ୍ୱାସ୍ଥ୍ୟ ଟିମର ଅଚାନକ ଗସ୍ତ

ବସ୍ତା , ୨୦/୦୭ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକ ପାଉଁଶକୁଲି ନୂତନ ସ୍ୱାସ୍ଥ୍ୟ କେନ୍ଦ୍ର କୁ ବରିଷ୍ଠ ସ୍ୱାସ୍ଥ୍ୟ ଅଧିକାରୀ ଙ୍କ ଅଚାନକ ଗସ୍ତ । ସୂଚନା ମୁତାବକ ପାଉଁଶକୁଲି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର କୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର କରିବା ଏବଂ ରୋଗୀଙ୍କ ପାଇଁ ଅନୁନ୍ୟ ୨୦ ଶଯ୍ୟା ବେଡ, ୨୪ ଘଣ୍ଟିଆ ସ୍ୱାସ୍ଥ୍ୟ ସେବା ଯୋଗାଇବା, ଆବଶ୍ୟକ ଥିବା ସମସ୍ତ ପଦବୀ ପୂରଣ, ଅନୁନ୍ୟ ଦୁଇ ଜଣ ଡାକ୍ତର ନିଯୁକ୍ତି , ଉଚ୍ଚ କ୍ଷମତା ସମ୍ପନ୍ନ ଜେନେରେଟର ଯୋଗାଇଦେବା ପାଇଁ ଗତ ଜୁନ ୨୩ ତାରିଖ ରେ ଫାଇଭ୍ ଟି ସବ୍ସିଡିକେ ପାଣ୍ଡିଆନ ଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଙ୍କ ଦୃଷ୍ଟି ଆକର୍ଷଣ କରିବା ସହିତ, ଜୁଲାଇ ୧୦ ତାରିଖ ସୋମବାର ବସ୍ତା ବ୍ଲକ ରେ ଅନୁଷ୍ଠିତ ହୋଇଥିବା ଜିଲ୍ଲାପାଳ୍ ଙ୍କ ଅଭିଯୋଗ ଶୁଣାଣି ରେ ବୁଦ୍ଧିଜୀବୀ, ସମାଜସେବୀ, ଓ ପରିଚାଳନା କମିଟି ପକ୍ଷରୁ ଜିଲ୍ଲାପାଳ ଓ ସ୍ୱାସ୍ଥ୍ୟ ବିଭାଗ ନିକଟରେ ଲିଖିତ ଅଭିଯୋଗ ହୋଇଥିଲା । ଏନେଇ ଫାଇଭଟି ଓ ଜିଲ୍ଲାପାଳ ଙ୍କ ନିର୍ଦ୍ଦେଶ କ୍ରମେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ପରେଶ୍ ଚନ୍ଦ୍ର ନନ୍ଦୀ, ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଅଧ୍ୟକ୍ଷକ ଡାକ୍ତର ଦ୍ୱେବ୍ରତ ଜେନା, ଜାତୀୟ ସ୍ୱାସ୍ଥ୍ୟ ମିଶନ ର ସହକାରୀ ଯନ୍ତ୍ରୀ ମନୋରଞ୍ଜନ ବେହେରା, ବସ୍ତା ବିପିଏମ ଅରବିନ୍ଦ ଦିଣ୍ଡା ପାଉଁଶକୁଲି ନୂତନ ପ୍ରାଥମିକ୍ ସ୍ୱାସ୍ଥ୍ୟ କେନ୍ଦ୍ର ରେ ଅଚାନକ ପହଁଚି ଭାରପ୍ରାପ୍ତ ଡାକ୍ତର ମନୋଜ କୁମାର ସାହୁ, ଆୟୁଷ ଡାକ୍ତର ଆଶିଷ କୁମାର ବିଶ୍ୱାଳ ଙ୍କ ଉପସ୍ଥିତିରେ ମେଡିକାଲ ପରିସର ପରିଦର୍ଶନ କରିବା ସହିତ , ଅଭିଯୋଗ ହୋଇଥିବା ବିଭିନ୍ନ ସମସ୍ୟା ଓ ଆବଶ୍ୟକ ଥିବା ଭିତ୍ତିଭୂମି ବାବଦରେ ଅଭିଯୋଗ କାରୀ, ବୁଦ୍ଧିଜୀବୀ , ପରିଚାଳନା କମିଟି ସହିତ ଆଲୋଚନା କରିଥିଲେ ।ଏହି ସମୟରେ ମିନତୀ ମହାନ୍ତି, ଗିରିଜା ଶଙ୍କର ମହାନ୍ତି, ଅଜୟ କୁମାର ସାହୁ, ସମୀର କୁମାର ସାହୁ, ବୃନ୍ଦାବନ ପଣ୍ଡା, ସମରେନ୍ଦ୍ର ଜେନା, ଜଗନ୍ନାଥ୍ ଜେନା,ଗୋବିନ୍ଦ ବାରିକ୍ ପ୍ରମୁଖ ଉପସ୍ଥିତ ରହିଥିଲେ ।

ମହା ଜନସମ୍ପର୍କ ଅଭିଯାନ ସମାପନ କରି ନଡ୍ଡାଙ୍କୁ ରିପୋର୍ଟ ପ୍ରଦାନ କଲେ ସାଂସଦ

ନୂଆଦିଲ୍ଲୀ/ ବାଲେଶ୍ୱର, ୨୦/୦୭ (ନି.ପ୍ର): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଙ୍କ ୯ ବର୍ଷ କାର୍ଯ୍ୟକାଳର ପୂର୍ତ୍ତି ଉପଲକ୍ଷେ ଭାରତୀୟ ଜନତା ପାର୍ଟି ପକ୍ଷରୁ ୨ ମାସ ଧରି ଚାଲିଥିବା ମହା ଜନ ସମ୍ପର୍କ ଅଭିଯାନ ଓ ସମ୍ପର୍କ ରୁ ସମର୍ଥନ କାର୍ଯ୍ୟକ୍ରମ ରେ ସାରା ଓଡିଶା ଦାଇତ୍ୱରେ ଥିବା ରାଜ୍ୟ ପ୍ରଭାରୀ ତଥା ବାଲେଶ୍ୱର ର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଏହି କାର୍ଯ୍ୟକ୍ରମ ସମାପନ ପରେ ଆଜି ଦିଲ୍ଲୀ ରେ ଭାରତୀୟ ଜନତା ପାର୍ଟି ର ରାଷ୍ଟ୍ରୀୟ ଅଧକ୍ଷ ଜଗତ ପ୍ରକାଶ ନଡ୍ଡା ଙ୍କୁ ଭେଟି ସମସ୍ତ ରିପୋର୍ଟ ପ୍ରଦାନ କରିବା ସହ ଆଗାମୀ ନିର୍ବାଚନ ରେ ଦଳ କିପରି ଭଲ ପ୍ରଦର୍ଶନ କରିବ ଏ ନେଇ ଦୀର୍ଘ ସମୟ ଧରି ଆଲୋଚନା କରିଥିଲେ, ଏହି ସମୟ ରେ ଶ୍ରୀ ଷଡ଼ଙ୍ଗୀ ରାଷ୍ଟ୍ରୀୟ ଅଧକ୍ଷ ଙ୍କୁ ଏହି ଜନସମ୍ପର୍କ ରେ କିପରି ଭାବରେ ପାର୍ଟିର କାର୍ଯ୍ୟକର୍ତା ଲୋକ ଙ୍କ ପାଖରେ ପହଂଚି ମୋଦୀ ଙ୍କ ସୁଶାସନ ବିଷୟ ରେ ଲୋକ ଙ୍କୁ ଅବଗତ କରାଇବା ସହ ୟୁସିସି କୁ ସମର୍ଥନ କରିଥିଲେ ସେ ବିଷୟ ରେ ମଧ୍ୟ ଆଲୋଚନା ହୋଇଥିଲା

ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ସହାୟତା ବଣ୍ଟନ ଶିବିର

ଖୋର୍ଦ୍ଧା , ୨୦/୦୭ (ନି.ପ୍ର): ଖୋର୍ଦ୍ଧା ଜିଲ୍ଲାର ଜୟୀ ରାଜଗୁରୁ ଟାଉନ ହଲ ଠାରେ ପୂର୍ବାହ୍ନ ୧୧.୦୦ଟାରେ ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ସହାୟତା ବଣ୍ଟନ ଶିବିର ର ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏଥିରେ ଶ୍ରୀମୟୀ ଶ୍ୱେତା ସ୍ନିଗ୍ଧା ମିଶ୍ର, ଅଧକ୍ଷା, ଓଡ଼ିଶା କୋଠା ବାଡି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ, ଭୁବନେଶ୍ୱର ଅଧକ୍ଷତା କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ମାନ୍ୟବର ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ର, ମାନନୀୟା ଜିଲ୍ଲା ପରିଷଦ ଅଧକ୍ଷା ରୁପଶ୍ରୀ ରାଣୀ ଗୁମାନ ସିଂହ, ମାନନୀୟା ଅଧକ୍ଷା, ପୌର ପରିଷଦର ଅଧକ୍ଷା କନକ ଲକ୍ଷ୍ମୀ ମହାନ୍ତି, ମହିଳା ସଭାନେତ୍ରୀ ଗୀତା ପାଟ୍ଟଶାଣୀ, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ଜ୍ୟୋତ୍ସାମୟୀ ଆଚାର୍ଯ୍ୟ ପ୍ରମୁଖ ଯୋଗଦାନ କରିଥିଲେ । ଡିଭିଜନାଲ ଲେବର କମିଶନର , ଖୋର୍ଦ୍ଧା,ସ୍ୱାଗତ ଭାଷଣ ରଖିଥିବା ବେଳେ ବିକାଶ କୁମାର ନାୟକ, ସହକାରୀ ଶ୍ରମ ଅଧିକାରୀ, ଖୋର୍ଦ୍ଧା ବିଶଦ ଭାବେ ଯୋଜନା ବିଷୟ ରେ ବିବରଣୀ ରଖିଥିଲେ । ଓଡ଼ିଶା ସରକାରଙ୍କ ଶ୍ରମିକ କଲ୍ୟାଣ ଯୋଜନା ସହାୟତା ବଣ୍ଟନ କାର୍ଯ୍ୟକ୍ରମ ଜରିଆରେ ଶ୍ରମିକ ମାନେ କିପରି ସାମାଜିକ ସୁରକ୍ଷା ପାଲ୍ଟେ ଏବଂ ଅର୍ଥନୀତି କ୍ଷେତ୍ରରେ ସେମାନେ କିପରି ଆଗକୁ ଆସି ପାରିବେ ଏ ସବୁ ପାଇଁ ଜନ କଲ୍ୟାଣ କାର୍ଯ୍ୟକ୍ରମ । ଆଜି ଏହି କାର୍ଯ୍ୟକ୍ରମ ରେ ୨୨୫ଜଣ ଶ୍ରମିକ ଙ୍କ ର ନୂତନ ଭାବେ ପଞ୍ଜିକରଣ , ମୋଟ ୩୪୯ ଜଣଙ୍କୁ ଆର୍ଥିକ ସହାୟତା ଯଥା କ୍ରମେ ୮୫ଜଣଙ୍କୁ ଶିକ୍ଷା କ୍ଷେତ୍ରରେ ସହାୟତା ୫ , ୭ ୫ , ୦ ୦ ୦ . ୦ ୦ , ବୈବାହିକ ଆର୍ଥିକ ସହାୟତା ଜଣଙ୍କୁ ୫୦,୦୦୦.୦୦ ଲେଖା ୧୦ଜଣଙ୍କୁ ୫୦୦୦୦୦.୦୦, ପ୍ରସୁତି କାଳିନ ମହିଳାମାନଙ୍କ ସହାୟତା ଜଣଙ୍କୁ ୧୦,୦୦୦ ଲେଖା ୯ ଜଣଙ୍କୁ ୯୦,୦୦୦.୦୦ ଏବ ମୃତ୍ୟୁ କାଳିନ ଏବଂ ଅନ୍ତେଷ୍ଟି କ୍ରିୟା ନିମନ୍ତେ ୨୦ ଜଣଙ୍କୁ ୪୧, ୦୦,୦୦୦.୦୦ ମୋଟ ୫୨,୬୫,୦୦୦.୦୦ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । ନିର୍ମାଣ ଶ୍ରମିକ ମାନଙ୍କର ପଞ୍ଜିକରଣ ଅଣ୍ଵେଦନ ୨୦.୦୦, ବାର୍ଷିକ ନବୀକରଣ ଦେୟ ୫୦.୦୦, ସହାୟତା ଆବେଦନ ପାଇଁ କୌଣସି ଦେୟ ଦେବାକୁ ପଡ଼ିବ ନାହିଁ । ଏହା ଅନ୍ ଲାଇନ୍ ସ୍ୱୋ ରେ ଉପଲବ୍ଧ ହୋଇପାରିବ । ପଞ୍ଜିକରଣ ଅଣ୍ଵେଦନ ୧୮ ବର୍ଷ ରୁ ଉର୍ଦ୍ଧ ୬୦ବର୍ଷ ରୁ କମ୍ ହୋଇଥିବା ଆବଶ୍ୟକ । ଭୋଟର କାର୍ଡ, ବ୍ୟାଙ୍କ୍ ପାସ୍ବୁକ ନକଲ, ପାସପୋର୍ଟ ସାଇଜ ଫଟ ଜବ୍ କାର୍ଡ ର ନକଲ ରାସନ କାର୍ଡ, ଆଧାର କାର୍ଡ ପ୍ରଭୃତି ଆବଶ୍ୟକ ।

ଦାରିଙ୍ଗବାଡି ଅଂଚଳରେ ଭୂ-ସ୍ଖଳନ ପାଇଁ ପୂର୍ବ ସତର୍କତା

କନ୍ଧମାଳ, ୨୦/୦୭ (ନି.ପ୍ର): ଆଗକୁ ପ୍ରବଳ ବର୍ଷା ସମ୍ଭାବନା ନେଇ ଜିଲ୍ଲା ପ୍ରଶାସନର ସତର୍କତା । ଆସନ୍ତା ୫ ଦିନ ଯାଏ ରାଜ୍ୟର ଦକ୍ଷିଣ ଆଭ୍ୟନ୍ତରୀଣ ଓଡ଼ିଶାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ନେଇ ଆଂଚଳିକ ପାଣିପାଗ କେନ୍ଦ୍ର ସତର୍କ କରାଇବା ସହିତ ପାହାଡ଼ିଆ ଅଂଚଳରେ ଭୂ-ସ୍ଖଳନ ହେବା ନେଇ ସତର୍କତା ଜାରି କରିଛନ୍ତି । ଦାରିଙ୍ଗବାଡ଼ି ବ୍ଲକ ଅଂଚଳରେ ଲଗାଣ ବର୍ଷା ଲାଗି ରହିଥିବା ବେଳେ ବ୍ଲକ ପ୍ରଶାସନ ତରଫରୁ ଆଗୁଆ ପଦକ୍ଷେପ ଗ୍ରହଣ କରାଯାଇଛି । ଗତବର୍ଷ ଭୂ-ସ୍ଖଳନ ହୋଇଥିବା ତାମାଙ୍ଗି- କୁମ୍ଭାରୀପଦର ଭୂ-ସ୍ଖଳନ ଅଂଚଳକୁ ନିଷିଦ୍ଧାଚଂଳ ଘୋଷଣା କରାଯାଇଛି । ସୂଚନା ପ୍ରକାରେ ଦାରିଙ୍ଗବାଡି ବ୍ଲକ ଅନ୍ତର୍ଗତ ହାତିମୁଣ୍ଡା ପଂଚାୟତର କୁମ୍ଭାରୀପଦର ଗାଁ ମୁଣ୍ଡ ପାହାଡ଼ରେ ପ୍ରତିବର୍ଷ ଲଗାଣ ବର୍ଷାରେ ଭୂ-ସ୍ଖଳନ ଦେଖାଦେଉଥିବା ବିଷୟ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ସହ ଗ୍ରାମବାସୀ ମାନେ ଭୟଭୀତ ହୋଇ ବ୍ଲକ୍ ଓ ଜିଲ୍ଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ । ଏହି ଖବର ପ୍ରସାରଣ ହେବା ପରେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ ଭୂତତ୍ତ୍ୱବିତ୍ ମାନେ ଆସି ଉକ୍ତ ଅଂଚଳର ମାଟି ନେଇ ପରୀକ୍ଷା ନିରୀକ୍ଷା କରିବା ପରେ ସେଠାକାର ଗ୍ରାମବାସୀଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରି ଥଇଥାନ ବ୍ୟବସ୍ଥା ଗ୍ରହଣ କରାଯାଇଛି । ତେବେ ଗୃହ ନିର୍ମାଣ କାର୍ଯ୍ୟ ସରି ନ ଥିବାରୁ ଗ୍ରାମବାସୀ ମାନେ ନିଜ ନିଜ ଗୃହରେ ରହୁଛନ୍ତି । ଖରାଦିନେ ଭୂ-ସ୍ଖଳନର ଆଶଙ୍କା ନ ଥିବାରୁ ସ୍ଥାନୀୟବାସୀ ପୁଣି ଥରେ ସେହି ପାହାଡ଼କୁ ଯିବା ଆସିବା କରୁଥିଲେ । ତେବେ ବର୍ଷା ଦିନେ ଭୂ-ସ୍ଖଳନ ଆଶଙ୍କା ଥିବାରୁ ବ୍ଲକ ପ୍ରଶାସନ ପକ୍ଷରୁ ଆଗୁଆ ପଦକ୍ଷେପ ଗ୍ରହଣ କରି ଉକ୍ତ ଅଂଚଳକୁ କେହି ପ୍ରବେଶ ନ କରିବାକୁ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଜାରି କରାଯାଇଛି ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ....

ଲଘୁଚାପ ପ୍ରଭାବରେ....

ଜିଲ୍ଲାର କେତେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା (୭ରୁ ୨୦ ସେମି) ହେବାର ସମ୍ଭାବନା ରହିଛି । ସେଥିପାଇଁ ଏହି ସବୁ ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି । ଏହି ସମୟ ମଧ୍ୟରେ ରାୟଗଡ଼ା, ଗଜପତି, ଖୋର୍ଦ୍ଧା, ସୋନପୁର, ବୌଦ୍ଧ, ଜଗତସିଂହପୁର, କଟକ, ଢେଙ୍କାନାଳ, ଅନୁଗୁଳ, ସମ୍ବଲପୁର ଓ ବରଗଡ଼ ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା (୭ରୁ ୧୧ ସେମି) ହେବାର ସମ୍ଭାବନା ରହିଛି । ସେଥିପାଇଁ ଏହି ସବୁ ଜିଲ୍ଲାକୁ ହଳଦିଆ ଚେତାବନୀ ବା ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ସେହିପରି ଆସନ୍ତାକାଲି ନୂଆପଡା, ବଲାଙ୍ଗିର, କଳାହାଣ୍ଡି , ବରଗଡ, ବୌଦ୍ଧ, ସୋନପୁର ଓ ସମ୍ବଲପୁର ଜିଲ୍ଲାକୁ ଅରେଂଜ ୱାର୍ଣ୍ଣିଂ ଜାରି କରାଯାଇଥିବା ବେଳେ ୧୧ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି ।

କଂଗ୍ରେସ ସହ....

୯ ବର୍ଷର ବିଜେପି ସରକାର ଜନବିରୋଧି ନୀତି ଯୋଗୁଁ ଜନସାଧାରଣଙ୍କ ଜନ ଜୀବନ ଅତ୍ୟନ୍ତ ଜଟିଳ ଓ ଅସ୍ତବ୍ୟସ୍ତ ହୋଇପଡ଼ିଛି । ବିଜୁଜନତା ଦଳର ସରକାର ଓଡ଼ିଶାର କୃଷକ, ଯୁବକ, ମହିଳା, ଶ୍ରମିକ ଏପରିକି ଛାତ୍ରଛାତ୍ରୀ ମାନଙ୍କର ଆଗାମୀ ଭବିଷ୍ୟତକୁ ଅନ୍ଧକାର ଭିତରକୁ ଠେଲି ଦେଇଛି । ରାଜ୍ୟର ଉତ୍କଟ ଦାରିଦ୍ର୍ୟତା, ଦରଦାମ ବୃଦ୍ଧି, ବିଜୁଳି ଦରବୃଦ୍ଧି ଏବଂ ବିଜୁଳି କାଟ, ଶ୍ରମିକ ଶୋଷଣ ନୀତି, ରାଜ୍ୟର ଲକ୍ଷ ଲକ୍ଷ ଶ୍ରମିକ ଆଜି ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି କିନ୍ତୁ ୨୩ ବର୍ଷର ସରକାରର ସାମାନ୍ୟତମ ନିଷ୍ଠା ନାହିଁ, ରାଜ୍ୟ ବିକାଶ ପ୍ରତି ପ୍ରତିବଦ୍ଧତା ନାହିଁ । ଅନ୍ୟପଟରେ ଭାରତ ବର୍ଷର ସମ୍ବିଧାନ, ଗଣତନ୍ତ୍ର, ଐକ୍ୟ ଓ ବିଭିନ୍ନତାକୁ ଆଜି ଖଣ୍ଡବିଖଣ୍ଡିତ କରିବା ସହିତ ସମାଜରେ ଧ୍ରୁବିକରଣ ସୃଷ୍ଟି କରିବାରେ ଲାଗିଛନ୍ତି । ଏହି ସମ୍ମିଳନୀରେ ରାଜ୍ୟର ଉପରୋକ୍ତ ଗୁରୁତ୍ୱପୂର୍ଣ୍ଣ ସମସ୍ୟାକୁ ନେଇ ରଣ କୌଶଳର ଖସଡ଼ା ପ୍ରସ୍ତୁତ ହେବ । ୨୦୨୪ ସାଧାରଣ ନିର୍ବାଚନରେ ଉଭୟ କେନ୍ଦ୍ରରେ ବିଜେପି ଓ ରାଜ୍ୟରେ ବିଜେଡ଼ିକୁ ପରାସ୍ତ କରିବାକୁ ପଡ଼ିବ । ଏଥିପାଇଁ ରାଜ୍ୟର ପ୍ରତ୍ୟେକ ବ୍ଲକ ଓ ଜିଲ୍ଲା ସ୍ତରରେ ଜନବିରୋଧି କାର୍ଯ୍ୟକ୍ରମ ବିରୁଦ୍ଧରେ ଆନ୍ଦୋଳନ କରାଯିବ ବୋଲି ଉପସ୍ଥିତ ଥିବା ସମସ୍ତ ରାଜନୈତିକ ନେତୃବୃନ୍ଦମାନେ ପ୍ରକାଶ କରିଛନ୍ତି । ଏହି ବୈଠକରେ କଂଗ୍ରେସ ଦଳ ତରଫରୁ ଜୟଦେବ ଜେନା, ପ୍ରସାଦ ହରିଚନ୍ଦନ, ରାମଚନ୍ଦ୍ର ଖୁଂଟିଆ, ବିଜୟ ପଟ୍ଟନାୟକ, ସିପିଆଇ (ଏମ)ର ଅଳି କିଶୋର ପଟ୍ଟନାୟକ, ଜନାର୍ଦ୍ଦନ ପତି, ସୁରେଶ ପାଣିଗ୍ରାହୀ, ସିପିଆଇ ର ଅଭୟ ସାହୁ, ଡାକ୍ତର ପ୍ରଶାନ୍ତ ମିଶ୍ର, ରାଷ୍ଟ୍ରୀୟ ଜନତା ଦଳର ହେମନ୍ତ କୁମାର ମିଶ୍ର, ସୌଦାମିନି ସାମନ୍ତରାୟ, ସମାଜବାଦୀପାର୍ଟି ରାଜ୍ୟ ସଭାପତି ରବି ବେହେରା, ସଞ୍ଜୟ ନାୟକ, ସମତାକ୍ରାନ୍ତିର ପ୍ରଭାସ ସାମନ୍ତରାୟ, ଆରପିଆଇ ଅବୁଦଲ ୱାଲି, ଆମଆଦ୍ମୀ ପାଟିର ସଞ୍ଜିବ ମହାନ୍ତି, ଟିଏମସିର ନନ୍ଦନ ପାଳ ଇତ୍ୟାଦି ପ୍ରମୁଖ ନେତୃବର୍ଗ ଉପସ୍ଥିତ ଥିଲେ ।

ସମ୍ବଲପୁରରେ ବର୍ଷେ ....

କରିବାକୁ ନିଷ୍ପତ୍ତି ହୋଇଛି । ଗତ ଏପ୍ରିଲ ମାସରେ ହନୁମାନ ଜୟନ୍ତୀ ଅବସରରେ ଅଶାନ୍ତ ହୋଇଯାଇଥିଲା ସମ୍ବଲପୁର ସହର । ସହରରେ ହୋଇଥିଲା ସାଂପ୍ରଦାୟିକ ହିଂସାକାଣ୍ଡ । ପୋଡ଼ାଜଳା ହୋଇଥିଲା । କର୍ଫ୍ୟୁ ଲାଗିଥିଲା । କର୍ଫ୍ୟୁ ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇଯାଇଥିଲା । ଏହି ଘଟଣାରେ ଅନେକ ଲୋକ ଜେଲ୍ ଯାଇଥିଲେ । କିଛି ଲୋକ ବାହାରି ଆସିଥିବା ବେଳେ ଆଉ କିଛି ଏବେ ବି ଜେଲ୍ ?ରେ ଅଛନ୍ତି । ତେବେ ଏହି ଘଟଣାର ଯେପରି ପୁନରାବୃତ୍ତି ନହେବ ଓ ସହରରେ ସାଂପ୍ରଦାୟିକ ସଦ୍ଭାବନା ବଜାୟ ରଖିବା ପାଇଁ ବର୍ଷ ପର୍ଯ୍ୟନ୍ତ କୌଣସି ପ୍ରକାର ଧାର୍ମିକ ଶୋଭା

ଶୁକ୍ରବାର, ଜୁଲାଇ ୨୧, ୨୦୨୩

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

ପଂଚାୟତରେ କଳାକନା ବୁଲାଇଲେ ଲୁଟେରା: ଲୁଟିନେଲେ ଲକ୍ଷାଧିକ ଟଙ୍କାର ସାମଗ୍ରୀ

ହରିଚନ୍ଦନପୁର, ୨୦/୦୭ (ନି.ପ୍ର): କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ଥାନା ଅଂଚଳରେ ମାତିଛନ୍ତି ଲୁଟେରା । ପଂଚାୟତ କାର୍ଯ୍ୟାଳୟ ତାଲା ଭାଙ୍ଗି ଲୁଟିନେଲେ ଲକ୍ଷାଧିକ ଟଙ୍କାର କମ୍ପୁଟର ସାମଗ୍ରୀ । ଖବର ଅନୁଯାୟୀ, ଗତ ବୁଧବାର ବିଳମ୍ବିତ ରାତିରେ ଜାମୁଯୋଡ଼ି ଗ୍ରାମପଂଚାୟତ ରାଜୀବ ଗାନ୍ଧୀ ସେବା କେନ୍ଦ୍ରରୁ ବଡଧରଣର ଚୋରି ହୋଇଛି । ଗୁରୁବାର ସକାଳେ ସରପଂଚ କୌଶଲ୍ୟା ନାୟକ ଏହା ଜାଣିବା ପରେ ହରିଚନ୍ଦନପୁର ଥାନାଧିକାରୀ ଓ ବିଡ଼ିଓଙ୍କୁ ଲିଖିତ ଅଭିଯୋଗ କରିଛନ୍ତି । ଲୁଟେରା ମାନେ ରାଜୀବ ଗାନ୍ଧୀ ସେବା କେନ୍ଦ୍ରର ତାଲା ଭାଙ୍ଗି ଗ୍ରାମ ରୋଜଗାର ସେବକଙ୍କ କାର୍ଯ୍ୟାଳୟରୁ ୩ଟି ପ୍ରିଂଟର, ୨ଟି ବ୍ୟାଟେରୀ, ୧ଟି ଇନଭର୍ଟର ଚୋରି ହୋଇଛି । ଉକ୍ତ ରାଜୀବ ଗାନ୍ଧୀ ସେବା କେନ୍ଦ୍ରକୁ ଲାଗିଥିବା ସାମାଜିକ ଶିକ୍ଷା ସାଧନ କେନ୍ଦ୍ରର ତାଲା ଭାଙ୍ଗି ୨ଟି ବ୍ୟାଟେରୀ, ୧ଟି ଇନଭେଟର, ୨ଟି ମନିଟର, ୧ଟି ସିପିୟୁ, ୨ଟି ୟୁପିଏସ ଏବଂ ୭ ଟି କିବୋର୍ଡ଼ ଚୋରି ହୋଇଛି । ଏଥିସହ ବିଭିନ୍ନ କମ୍ପ୍ୟୁଟର ସାମଗ୍ରୀ ଭଙ୍ଗାରୁଜା ହୋଇଥିବା ଥାନାରେ ଅଭିଯୋଗ ହୋଇଛି । ଠିକ୍ ସେହିପରି ସାମାଜିକ ଶିକ୍ଷା ସାଧନ କେନ୍ଦ୍ର କମିଟି ତରଫରୁ ସମାନ ଘଟଣାକୁ ନେଇ ଥାନାରେ ଅଭିଯୋଗ ହୋଇଛି । ସୂଚନା ଅନୁଯାୟୀ ଜାମୁଯୋଡ଼ି ଗ୍ରାମ ପଂଚାୟତ ରାଜୀବ ଗାନ୍ଧୀ ସେବା କେନ୍ଦ୍ରରେ ଆସ୍ପାୟାର ଓ ପଂଚାୟତ ମିଳିତ କ୍ରମେ ସାମାଜିକ ଶିକ୍ଷା ସାଧନ କେନ୍ଦ୍ର କରି ମାଗଣାରେ ପଂଚାୟତ ବାସୀଙ୍କୁ କମ୍ପ୍ୟୁଟର ଶିକ୍ଷା ପ୍ରଦାନ କରି ଆସୁଥିବା ବେଳେ କେହି ଦୁର୍ବୃତ ତାଲା ଭାଙ୍ଗି ଲକ୍ଷାଧିକ ଟଙ୍କାର କମ୍ପ୍ୟୁଟର ସାମଗ୍ରୀ ଲୁଟି ନେଇଥିବା ଜଣାପଡିଛି । ତେବେ ରାଜୀବ ଗାନ୍ଧୀ ସେବା କେନ୍ଦ୍ର ଠାରୁ କିଛି ଦୂରରେ ଦୁର୍ବୃତ ମାନେ କିଛି ସାମଗ୍ରୀ ଫୋପାଡ଼ି ଥିବା ଦେଖିବାକୁ ମିଳିଛି । ଅନ୍ୟପଟେ ତାଲା ଭାଙ୍ଗିବା ନିମନ୍ତେ ବ୍ୟବହାର ହୋଇଥିବା ଆରିପାତ, ଶାବଳ ଛାଡି ଦୁର୍ବୃତ ମାନେ ପଳାଇ ଥିବା ଦେଖିବାକୁ ମିଳିଛି । ଥାନାରେ ଦୁଇଟି ଅଭିଯୋଗ ପରେ ପୋଲିସ ଘଟଣାସ୍ଥଳରେ ପହଂଚି ପଡ଼ିଥିବା ଜିନିଷ ଗୁଡ଼ିକୁ ଜବତ କରି ତଦନ୍ତ ଆରମ୍ଭ କରିଛି ।

ପାସେଞ୍ଜର ସବାରୀ ଦୁର୍ଘଟଣାଗ୍ରସ୍ତ : ଅଳ୍ପକେ ବର୍ତ୍ତିଲେ ୮ ଯାତ୍ରୀ, ୨ବାଇକ୍ ଚୁରମାର

ନୀଳଗିରି , ୨୦/୦୭ (ନି.ପ୍ର): ଏକ ପାସେଞ୍ଜର ସବାରି ଗାଡ଼ି ଦୁର୍ଘଟଣାଗ୍ରସ୍ତ ହେବାଯୋଗୁଁ ବସିଥିବା ୮ଜଣ ଯାତ୍ରୀ ଅଳ୍ପକେବର୍ତ୍ତି ଯାଇଥିବା ବେଳେ ନିକଟରେ ଠିଆ ହୋଇଥିବା ୨ଟି ବାଇକ୍ ଭାଙ୍ଗି ନଷ୍ଟ ହୋଇଯାଇଥିବା ଦେଖିବାକୁ ମିଳିଛି। ଆହତ ହୋଇଥିବା ସମସ୍ତ ୮ଜଣ ଯାତ୍ରୀଙ୍କୁ ନୀଳଗିରି ଦମକଳ ବାହିନୀ ଗାଡ଼ିରେ ନୀଳଗିରି ହସ୍ପିଟାଲ ଅଣାଯାଇ ଚିକିତ୍ସା କରାଯାଉଥିବା ସୂଚନା ମିଳିଛି। ପ୍ରାପ୍ତ ସୂଚନା ଅନୁସାରେ ନୀଳଗିରି କଦମସାହି ଛକ ନିକଟରେ ନ୍ତଜଗା ଟୁ ବଞ୍ଚା' ନାମକ ଏକ ଯାତ୍ରୀବାହୀ ସବାରି ଗାଡ଼ିକୁ ଷ୍ଟାର୍ଟ ରେ ରଖି ପାସେଞ୍ଜର ଓହ୍ଲାଉଥିବା ବେଳେ ଆଗ ସିଟ ରେ ବସିଥିବା ପାସେଞ୍ଜାର ଜଣକ ଙ୍କ ଅସାବଧାନତା ଯୋଗୁଁ ଷ୍ଟାର୍ଟରେ ଥିବା ଗାଡ଼ିର ଗିଅର୍ ରେ ହାତ ବାଜିଯିବା କାରଣରୁ ଗାଡ଼ିଟି ଆଗକୁ ଗଡିଚାଲିଥିଲା । । ଗାଡ଼ିରେ ଥିବା ୮ଜଣ ପାସେଞ୍ଜାର ଭୟବିତ ହୋଇ ପଡିଥିବା ବେଳେ ସାମ୍ନାରେ ଥିବା ଦୁଇଟି ବାଇକ ଧକ୍କା ଦେଇଆଗକୁ ବଢ଼ି ଚାଲିଥିବା ବେଳେ ପାଖରେ ଥିବା ଏକ ଲୁହାଗେଟ୍ କୁ ବାଡେଇଥିଲା। ପରେ ସବାରିଟି ଓଲଟି ପଡିଥିଲା। ଜୀବନ ବିକଳରେ ସମସ୍ତ ଯାତ୍ରୀ ଜୀବନ ବିକଳରେ ହାହୋଲ୍ଲା କରୁଥିବାବେଳେ ଖବର ପାଇ ନୀଳଗିରି ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ଆହତ ମାନଙ୍କୁ ନୀଳଗିରି ହସ୍ପିଟାଲ ଆଣି ଚିକିତ୍ସା କରାଯାଉଥିବା ସୂଚନା ମିଳିଛି।

ଜାମ୍ମୁ-ଶ୍ରୀନଗର ଜାତୀୟ ରାଜପଥ ଯାୟାୟତ ପାଇଁ ସମ୍ପୂର୍ଣ୍ଣ ଭାବରେ ଖୋଲିଲା

ଜାମ୍ମୁ ,୨୦/୦୭ : ଜାମ୍ମୁ-ଶ୍ରୀନଗର ରାମବନ ଜିଲ୍ଲାରେ ଭୂସ୍ଖଳନ ଯୋଗୁଁ ଜାମ୍ମୁ-ଶ୍ରୀନଗର ଜାତୀୟ ରାଜପଥ ଗୋଟିଏ ଦିନ ବନ୍ଦ ହେବା ପରେ ଗୁରବାରଦିନ ଯାତାୟତ ପାଇଁ ସମ୍ପୁର୍ଣ ଭାବରେ ଖୋଲି ଦିଆଯାଇଛି। ଜାତୀୟ ରାଜପଥ ଖୋଲିବା ପରେ ଫସିରହିଥିବା ଗାଡି ଗୁଡିକ ପ୍ରଥମେ ବାହାରି ଯାଇଥିଲା । ବୁଧବାର ଦ୍ୱିପ୍ରହର ବେଳକୁ ରାଜପଥକୁ ଆଂଶିକ ଭାବରେ ଖୋଲିଦିଆଯାଇଥିଲା । ପ୍ରବଳ ବର୍ଷା ପାଇଁ ବୁଧବାରଦିନ ରାମବନ ଏବଂ ଉଧମପୁର ଜିଲ୍ଲାରେ କେତେକ ସ୍ଥାନରେ ଭୂସ୍ଖଳନ ହୋଇଥିଲା ଯେଉଁଥିପାଇଁ ଜାତୀୟ ରାଜପଥ ଅବରୋଧ ହୋଇଯାଇଥିଲା । ଗୁରବାରଦିନ ପୁରାଭାବରେ ସଫା କରା ଯିବା ପରେ ରାଜପଥର ଉଭୟ ପାର୍ଶ୍ୱ ଯାତାୟତ ପାଇଁ ଖୋଲି ଦିଆଯାଇଛି । ଏହା ସହିତ ସେଠାରେ ଅଟକି ରହିଥିବା ଗାଡିଗୁଡିକୁ ବାହାର କରିଦିଆ ହୋଇଥିଲା । ମୁଖ୍ୟ ଶାସନ ସଚିବ ଡା. ଅରୁଣ କୁମାର ମେହେଟ୍ଟା ବୁଧବାର ରାଜପଥରେ ପରିସ୍ଥିତିକୁ ଅନୁଧ୍ୟାନ କରି ଧିର ଗତିରେଯାଉଥିବା ଯାନବାହାନ ଏବଂ ଓଭର ଲୋଡିଂ କରିଥିବା ଟ୍ରକ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଡା. ମେହଟ୍ଟା ଅଗଷ୍ଟ ୧୫ ସୁଦ୍ଧା ରାମବନ ଫ୍ଲାଏ ଓଭରର ଦ୍ୱିତୀୟ ଟ୍ୟୁବ୍ ଏବଂ ଚଳିତ ବର୍ଷ ଶେଷ ସୁଦ୍ଧା ବନିହାଲ୍ ବାଇପାସ୍‌ର କାମ ଶେଷ କରିବାକୁ କାର୍ଯ୍ୟ କରୁଥିବା ସଂସ୍ଥାଗୁଡ଼ିକୁ କହିଛନ୍ତି।

ଝାଡ଼ଖଣ୍ଡ ରାଜ୍ୟରେ ନୂଆସାହି ମହାବିଦ୍ୟାଳୟ ପ୍ରଶଂସିତ

ଉଦଳା ୨୦/୦୭- (ନି.ପ୍ର)- କପ୍ତିପଦାସ୍ଥିତ ନୂଆସାହି ମହାବିଦ୍ୟାଳୟର ପ୍ରାଣୀ ବିଜ୍ଞାନର ମୁଖ୍ୟ ତଥା ଆଇ.କ୍ୟୁ.ଏସି.ର ସଂଯୋଜକ ଡ଼ଃ ନିବାରଣ ଶତପଥୀଙ୍କ ନେତୃତ୍ୱରେ ଦର୍ଶନ ବିଭାଗର ଅଧ୍ୟାପିକା ମଧୁମିତା ସାହୁ ଏବଂ ରାଜନୀତି ବିଭାଗର ଅଧ୍ୟାପିକା ରିତା ବିଶ୍ୱାଳ ମହିଳା ମହାବିଦ୍ୟାଳୟ, ଗୋଡ଼ା ଏବଂ ଏସ୍.ବି.ଏସ୍.ପି.ଜେ ଗୋଡ଼ା, ଝାଡ଼ଖଣ୍ଡ ଠାରେ ଆୟୋଜିତ ଜାତୀୟ ଆଲୋଚନା ଚକ୍ରରେ ଅଂଶ ଗ୍ରହଣ କରିବା ସହିତ ଶିକ୍ଷକ - ବିନିମୟ କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ । ଏହି ଅବସରରେ ପ୍ରତ୍ୟେକ ନିଜର ସନ୍ଦର୍ଭ ପାଠ କରି ଉଚ୍ଚ ପ୍ରଶଂସିତ ହୋଇଥିଲେ । ଏଥି ସହିତ ଶିକ୍ଷାର୍ଥି - ବିନିମୟ କାର୍ଯ୍ୟକ୍ରମରେ ନୂଆସାହି ମହାବିଦ୍ୟାଳୟ ପ୍ରାଣୀ ବିଭାଗର ଛାତ୍ରୀ ଲିଳାବତୀ ଶଙ୍ଖୁଆ, ସରିତା ପରିଡ଼ା ଏବଂ ଦର୍ଶନ ବିଭାଗର ଛାତ୍ରୀ ଶୁଭସ୍ମିତା ପୁହାଣ ଓ ସ୍ୱସ୍ତିସାଗରିକା ଜେନା ଯୋଗଦାନ କରିଥିଲେ । ଶିକ୍ଷାର୍ଥି ମାନେ ବିଭିନ୍ନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବା ସହିତ ରଙ୍ଗୋଲି ପ୍ରତିଯୋଗିତାରେ ଦ୍ୱିତୀୟ ଏବଂ ଗ୍ରୁପ ଡ଼୍ୟାନ୍ସରେ ପ୍ରଥମସ୍ଥାନ ଅର୍ଜନ କରି ସମ୍ମାନିତ ହୋଇଥିଲେ । ନୂଆସାହି ମହାବିଦ୍ୟାଳୟର ଅଧ୍ୟାପକ- ଅଧ୍ୟାପିକା ଏବଂ ଶିକ୍ଷାର୍ଥି ଓଡ଼ିଶା ତଥା ଓଡ଼ିଶା ବାହାରେ ବିଭିନ୍ନ ଆଲୋଚନା ଚକ୍ର ଏବଂ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି ନିଜର ପାରଦର୍ଶିତା ଦେଖାଇଥିବାରୁ ମହାବିଦ୍ୟାଳୟର ଅଧ୍ୟକ୍ଷା ସମସ୍ତଙ୍କୁ ଶୁଭେଚ୍ଛା ପ୍ରଦାନ କରିଛନ୍ତି ।

ଅବକାରୀ ଚଢ଼ାଉ : ମଦ ଜବତ, ବେପାରୀ ଗିରଫ

ବସ୍ତା, ୨୦/୦୭ (ନି.ପ୍ର): ବସ୍ତା ଥାନା ନଳବାହାର ନିକଟରେ ବୁଧବାର ବିଳମ୍ବିତ ରାତିରେ ବସ୍ତା ଅବକାରୀ ଥାନା ପକ୍ଷରୁ ଚଢ଼ାଉ କରାଯାଇ ଏକ ସ୍କୁଟି ସହ ବିପୁଳ ପରିମାଣରେ ବିଦେଶୀ ମଦ ଜବତ କରାଯାଇଛି । ଅଭିଯୁକ୍ତ ମଦବେପାରୀ ରୂପସା ଥାନା ଆଙ୍କୋ ଗ୍ରାମର ବିଷ୍ଣୁପଦ ବେହେରାଙ୍କୁ ଗିରଫ କରାଯାଇଛି । ତାଙ୍କ ଠାରୁ ବିପୁଳ ପରିମାଣରେ ବିୟର ଓ ବିଦେଶୀ ମଦ ଜବତ ହୋଇଛି । ଏ ସଂକ୍ରାନ୍ତରେ ଅବକାରୀ ଥାନାରେ ଏକ ମାମଲା ରୁଜୁ ହୋଇ ଗିରଫ ଅଭିଯୁକ୍ତକୁ ଆଜି କୋର୍ଟ ଚାଲାଣ କରାଯାଇଛି । ସେ ସ୍କୁଟି ଯୋଗେ ହଳଦୀପଦା ଠିପି ବନ୍ଦ ମଦ ଦୋକାନରୁ ଏହି ମଦ ନେଇ ଗ୍ରାମାଞ୍ଚଳରେ ଥିବା ଚୋରା ମଦ ଦୋକାନକୁ ବିକ୍ରି ପାଇଁ ଯାଉଥିଲେ । ଖବରପାଇ ଅବକାରୀ ଥାନା ଓଆଇସି ସୁରଜ କୁମାର ଟିଗା, ଏଏସଆଇ ପିଙ୍କି ମାରାଣ୍ଡି ଓ କନଷ୍ଟେବଳ ସଞ୍ଜୟ ସିଂ ପ୍ରମୁଖ ଚଢ଼ାଉ କରି ଅଭିଯୁକ୍ତକୁ କାବୁ କରିଥିଲେ । ସେ ହଳଦୀପଦା ସରକାରୀ ମଦ ଦୋକାନର ସେଲ୍ସମେନ ବୋଲି ଥାନାରେ ସ୍ୱୀକାର କରିଛ।

ଯୁବକଙ୍କ ଆତ୍ମହତ୍ୟା

ବସ୍ତା, ୨୦/୦୭ (ନି.ପ୍ର): ବସ୍ତା ଥାନା ଅନ୍ତର୍ଗତ ଯମୁନାପଦା ଗ୍ରାମର ବରେନ୍ଦ୍ର ପରିଡା ଙ୍କ ୨୬ବର୍ଷର ପୁଅ ନିଗମାନନ୍ଦ ପରିଡା ଗତ କାଲି ବିଳମ୍ବିତ ରାତିରେ ବନ୍ଦ କୋଠାରୀ ମଧ୍ୟରେ ବେକରେ ଦଉଡି ଦେଇ ଆତ୍ମହତ୍ୟା କରିଥିବା ଜଣା ପଡିଛି । ରାତ୍ରିରେ ଖାଇସାରି ସେ ଶୋଇବା ପାଇଁ ଘରଭିତରକୁ ଯାଇଥିଲା । ସକାଳୁ ବହୁ ସମୟ ଘରର କବାଟ ଖୋଲି ନଥିଲା । ଏହା ପରେ ଘର ଲୋକ କବାଟ ଖୋଲି ଦେଖିଲା ବେଳକୁ ବେକର ଦଉଡି ଲଗାଇ ଫେନ ହୁକରେ ଫାଶୀ ହୋଇଯାଇଛି । ତାଙ୍କ ପାଖରୁ ଏକ ସୂଇସାଇଟ ନୋଟ ମଧ୍ୟ ମିଳିଥିଲା । ତାଙ୍କ ମୃତ୍ୟୁ ପାଇଁ କେହି ଦାୟୀ ନୁହେଁ ବୋଲି ସୁଇସାଇଡ ନୋଟରେ ଉଲ୍ଲେଖ ରହିଛି ! ଖବର ପାଇ ବସ୍ତା ପୋଲିସ ପହଞ୍ଚି ମୃତଦେହ ପୋଷ୍ଟମଟମ ପାଇଁ ପଠାଇ ଏକ ଅପ ମୃତ୍ୟ ମାମଲା ରୁଜୁକରି ଅଧିକ ତଦନ୍ତ ଜାରିରଖିଛି । ସେହିପରିବସ୍ତା ଥାନା ମଥାନୀ ଗ୍ରାମର ରବିନ୍ଦ୍ର ବିଶିଙ୍କ ସ୍ତ୍ରୀ ସାବୀତ୍ରୀ ବିଶି ବୟସ ପଞ୍ଚାବମ ଆଜି ସକାଳ ନଅଟା ସମୟରେ ନିଜଶୋଇବା ଘରେ ପେଟା ରସି ଦେଇ ଆତ୍ମହତ୍ୟା କରିଥିବା ଜଣାପଡିଛି। ଖବରପାଇ ପୋଲିସ ଶବ ଜବଦ କରି ଅପମୃତ୍ୟୁ ମାମଲା ରୁଜକରି ତଦନ୍ତ ଜାରି ରଖିଛି।

ନିଲମ୍ବନ ଉଠାଇବାକୁ ଦାବି କଲେ ମୋକିମ ଓ ଚିରଞ୍ଜୀବ ସମର୍ଥକ

ଭୁବନେଶ୍ୱର, ୨୦/୦୭ (ନି.ପ୍ର): ମୋକିମ ଓ ଚିରଞ୍ଜୀବଙ୍କୁ ନିଲମ୍ବନ ପରେ ଜୋର ଧରିଛି କଂଗ୍ରେସ ରାଜନୀତି। ସାମ୍ବାଦିକ ସମ୍ମିଳନୀ କରି ନିଲମ୍ବନ ଉଠାଇବାକୁ ଦାବି କରିଛନ୍ତି ମୋକିମ ଓ ଚିରଞ୍ଜୀବ ସମର୍ଥକ। ଅପରପକ୍ଷରେ ୨ କଂଗ୍ରେସ ନେତାଙ୍କ ନିଲମ୍ବନ ପ୍ରସଙ୍ଗରେ ପିସିସି ସଭାପତି ଶରତ ପଟ୍ଟନାୟକ ପ୍ରତିକ୍ରିୟା: ଦେଇ କହିଛନ୍ତି ଯେ ନିଲମ୍ବନ ପ୍ରତ୍ୟାହାର ଦାବି ନେଇ ମୋ ପାଖକୁ ଅଭିଯୋଗ ଆସିନି। ସେମାନେ ଚିଠି ପଠାଇଲେ ମୁଁ ହାଇକମାଣ୍ଡଙ୍କୁ ପଠାଇଦେବି। କାହା ଟିପ୍ପଣୀ ଉପରେ ମତଦେବାର ନାହିଁ, ଯେଉଁଟା ସତ ସେଇଟା ସତ। ଗୁରୁବାର ଦିନ କଂଗ୍ରେସର ୧୦ଜଣ ବରିଷ୍ଠ ନେତା ପୂର୍ବ ପ୍ରଦେଶ କଂଗ୍ରେସ କମିଟି ମୁଖପାତ୍ର ଡ. ଗୋବିନ୍ଦ ଭୂୟାଁଙ୍କ ଅଧ୍ୟକ୍ଷତାରେ ଉତ୍କଳ ସାମ୍ବାଦିକ ସଂଘ ସଭାଗୃହରେ ଏକ ସାମ୍ବାଦିକ ସମ୍ମିଳନୀ କରି ବାରବାଟୀ-କଟକ କଂଗ୍ରେସ ବିଧାୟକ ମହମ୍ମଦ ମୋକିମ୍ ଓ ପୂର୍ବତନ ବିଧାୟକ ତଥା ପୂର୍ବତନ ରାଜ୍ୟ କଂଗ୍ରେସ କାର୍ଯ୍ୟକାରୀ ଅଧ୍ୟକ୍ଷ ଚିରଞ୍ଜୀବୀ ବିଶ୍ୱାଳଙ୍କ ଉପରୁ ତୁରନ୍ତ ନିଲମ୍ବନ ହଟାଇବା ପାଇଁ ଦାବି କରିଥିଲେ। ଶ୍ରୀ ଭୂୟାଁ କହିଥିଲେ ଯେ ଦେଶରେ କଂଗ୍ରେସ ସପକ୍ଷରେ ଜନମତ ବୃଦ୍ଧି ପାଉଥିବା ବେଳେ ଓଡ଼ିଶାରେ କଂଗ୍ରେସ ଦୁର୍ବଳ ହେବା ଚିନ୍ତାଜନକ ବିଷୟ। ଦୁଇ ବରିଷ୍ଠ ନେତାଙ୍କୁ ନିଲମ୍ବନ କରିବା ଦ୍ୱାରା ରାଜ୍ୟରେ କଂଗ୍ରେସ ଦୁର୍ବଳ ହେଉଛି। ପୂର୍ବ ଶୃଙ୍ଖଳା କମିଟି ସଭ୍ୟା ସାବିତ୍ରୀ ଚୌଧୁରୀ କହିଲେ ଯେ ଯେଉଁ କମିଟି ବୈଠକ ଆଧାରରେ ଏହି ଦୁଇଜଣ ନେତାଙ୍କୁ ନିଲମ୍ବନ କରାଗଲା, ସେ ସେହି ବୈଠକରେ ଉପସ୍ଥିତ ଥିଲେ। କିନ୍ତୁ ସେଠାରେ ସୁନ୍ଦରଗଡ଼ ବିଷୟ ଆଲୋଚନା ହୋଇଥିଲା ଏବଂ ଏହି ଦୁଇଜଣ ନେତାଙ୍କ ନିଲମ୍ବନ ବିଷୟରେ କୌଣସି ଆଲୋଚନା ହୋଇନଥିଲା। ବିନା ଆଲୋଚନାରେ ପିସିସି ସଭାପତି ନିଲମ୍ବନ ପାଇଁ ଏଆଇସିସିକୁ ଲେଖିବା ଠିକନୁହେଁ। ପୂର୍ବତନ ଶୃଙ୍ଖଳା କମିଟି ଅଧ୍ୟକ୍ଷା ସନ୍ଧ୍ୟା ମହାପାତ୍ର କହିଲେ ଯେ ଶୃଙ୍ଖଳା କମିଟି ସାଧାରଣତଃ ଏକ ସବ୍‌କମିଟି କରି କୌଣସି ଶୃଙ୍ଖଳାଗତ ଅଭିଯୋଗର ଶୁଣାଣି କରି ରାଜ୍ୟ ସଭାପତିଙ୍କୁ ସୁପାରିସ କରିଥାଏ। କିନ୍ତୁ ମୋକିମ୍ ଓ ଚିରଞ୍ଜୀବୀଙ୍କ ନିଲମ୍ବନ କ୍ଷେତ୍ରରେ ସେପରି କୌଣସି ପଦ୍ଧତିର ଅନୁସରଣ ନକରିବା ତାଙ୍କୁ ଆଶ୍ଚର୍ଯ୍ୟ କରିଛି। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବ କଟକ ନଗର କଂଗ୍ରେସ ଅଧ୍ୟକ୍ଷା ଗିରିବାଳା ବେହେରା, ସିଏମ୍‌ସି କର୍ପୋରେଟର୍ ସନ୍ତୋଷ ଭୋଳ ଓ ଶିବାଶିଷ ପଟ୍ଟନାୟକ, ପୂର୍ବ ସିଏମ୍‌ସି କର୍ପୋରେଟର ଅନୀତା ନାୟକ, ପୂର୍ବତନ କଂଗ୍ରେସ ମୁଖପାତ୍ର ନରେଶ ମହାନ୍ତି, ପୂର୍ବତନ କଂଗ୍ରେସ ଉପ-ସଭାପତି ନାଜିବୁର ରହେମନ୍ ଖାଁ, ପୂର୍ବତନ କଂଗ୍ରେସ ଲିଗାଲ୍ ସେଲ୍ ଉପ-ସଭାପତି ମହମ୍ମଦ ଆରିଫ୍ ଉଦ୍ଦିନ୍ ଖାଁ, କଟକ ସିଟି ମହିଳା କଂଗ୍ରେସ ଅଧ୍ୟକ୍ଷା ଶୈଳବାଳା ଜେନା, ଜଗତସିଂହପୁର ଯୁବ କଂଗ୍ରେସ ଅଧ୍ୟକ୍ଷ ପ୍ରଶାନ୍ତ ମଲ୍ଲିକ, କେନ୍ଦ୍ରାପଡ଼ା ଯୁବ କଂଗ୍ରେସ ଅଧ୍ୟକ୍ଷ ସତ୍ୟପ୍ରିୟ ସାମଲ ଆଦି ନେତାମାନେ ଉପସ୍ଥିତ ଥିଲେ।

ସାଳନ୍ଦୀ କେନାଲ ଅଧାପନ୍ତରିଆ: ପାଣି ପାଇଁ ଚିନ୍ତାରେ ଚାଷୀ

ନୀଳଗିରି , ୨୦/୦୭ (ନି.ପ୍ର): ଚଳିତବର୍ଷ ବାଲେଶ୍ୱର ଜିଲ୍ଲା ନୀଳଗିରି ଅଞ୍ଚଳରେ ନିଅଣ୍ଟିଆ ବର୍ଷା ହୋଇଥିବା ଯୋଗୁଁ ଚାଷୀକୁଳ ହତାଶ ହୋଇ ମୁଣ୍ଡରେ ହାତ ଦେଇ ବସିଛନ୍ତି। ଆଷାଢ଼ ଯାଇ ଶ୍ରାବଣ ଅଧା ହେବାକୁ ବସିଲାଣି। ଏପର୍ଯ୍ୟନ୍ତ ସଠିକରେ ଧାନ ତଳି ପଡ଼ିପାରି ନାହିଁ। ଯେଉଁଠିବି କାଁ ଭାଁ ତଳି ପଡ଼ିଛି ପାଣି ଅଭାବରୁ ତଳିଘେରା ଫାଟିବାକୁ ଲାଗିଲାଣି। ଏପରି ସ୍ଥଳେ ନୀଳଗିରି ଦେଇ ଯାଇଥିବା ସାଳନ୍ଦୀ କେନାଲ ର ଅଧା ପନ୍ତରିଆ କାମ ସର୍ବୋପରି ଠିକାଦାରଙ୍କ ଅପରିଣାମ ଦର୍ଶୀ କାର୍ଯ୍ୟପାଇଁ ଶହଶହ ଚାଷୀ ଚାଷ କରିପାରିବେ ନାହିଁ।ବୃହତ ସ୍ୱାର୍ଥଦୃଷ୍ଟିରୁ ସାଳନ୍ଦୀକେନାଲକୁ କେହି ବିରୋଧ କରୁନଥିବା ବେଳେ ପ୍ରତିବର୍ଷ ପାହାଡ ପାଣି ବୋହିଆସି ନୀଳଗିରି ତଳି ଅଞ୍ଚଳର ବିଭିନ୍ନ ଚାଷ ଜମିରେ ମାଡ଼ିଥାଏ। କିନ୍ତୁ ଚଳିତ ବର୍ଷ ନିଅଣ୍ଟିଆ ବର୍ଷା ସାଙ୍ଗକୁ ସାଳନ୍ଦୀ କେନାଲ ଯାଉଥିବା ଜମିରେ ଚିହ୍ନଟ ସ୍ୱରୂପ ଅଧା ତାଡି ପକାଇବା ଯୋଗୁଁ ଉପର ପାଣି ତଳକୁ ଯାଇ ପାରୁନାହିଁ। କେନାଲ ପାଇଁ ଖୋଳାଯାଇଥିବା ଗାତ ଦେଇ ପାଣି ତଳକୁ ଗଡ଼ିଯାଉଛି। ଫଳରେ ଏବର୍ଷ ନୀଳଗିରି ଏନଏସି ଠାରୁ ଧୋବଶିଳା ପଞ୍ଚାୟତର ବିଭିନ୍ନ ଗାଁ ଯଥା - ପୁହୁଣି, ଗୋପୀନାଥପୁର, ବିମ୍ବୁରିଆ, ଗୁଗୁରଚୂଆ, ଆଗିରିଆ ସମେତ ଅନେକ ଗାଁକୁ ପାହାଡ ପାଣି ଆସିପାରୁ ନାହିଁ। ଯାହା ଫଳରେ ଶହଶହ ଏକର ଜମି ପାଣି ଅଭାବରୁ ପଡିଆ ରହିବ। ତେଣୁ ସାଳନ୍ଦୀ କେନାଲର ଉଚ୍ଚପଦସ୍ଥ ଅଧିକାରୀଙ୍କ ସମେତ ନୀଳଗିରି ଉପଜିଲ୍ଲାପାଳ, ବାଲେଶ୍ୱର ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବୀ କରିଛନ୍ତି।

ମହିଳା ସଶକ୍ତିକରଣ ଉପରେ ପ୍ରଶ୍ନ ଉଠାଇଲା କଂଗ୍ରେସ

ଭୁବନେଶ୍ୱର, ୨୦/୦୭ (ନି.ପ୍ର): ଦୀର୍ଘ ୨୪ ବର୍ଷର ବିଜେଡ଼ି ସରକାର ନିରନ୍ତର ଶାସନ ବ୍ୟବସ୍ଥାରେ ରହିଲାପରେ ମଧ୍ୟ ଆଜି ଓଡ଼ିଶାର ମହିଳାମାନଙ୍କ ସ୍ୱାସ୍ଥ୍ୟଗତ ସମସ୍ୟା ଅତ୍ୟନ୍ତ ଉତ୍କଟ ଆକାର ଧାରଣ କରିଛି। ବିଜୁ ଜନତାଦଳ ସବୁବେଳେ ପ୍ରଚାର କରେ ମହିଳାମାନେ ତାଙ୍କର ବଳ ବୋଲି କିନ୍ତୁ ରାଜ୍ୟ ଜନସଂଖ୍ୟାର ଅଧାଭାଗ ମହିଳା ହୋଇଥିଲେ ମଧ୍ୟ ସେମାନଙ୍କ ସ୍ୱାସ୍ଥ୍ୟ, ଶିକ୍ଷା, ରୋଜଗାର ଏବଂ ସୁରକ୍ଷା ଆଜି ବଡ଼ ପ୍ରଶ୍ନବାଚୀ ହୋଇଛି ବୋଲି ଆଜି ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କଂଗ୍ରେସ ମୁଖପାତ୍ର ଶ୍ରୀମତୀ ରଶ୍ମି ମହାପାତ୍ର କହିଛନ୍ତି। ସେ କହିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସବୁବେଳେ ମା ମାନଙ୍କୁ ସଶକ୍ତ କରିବା ପାଇଁ ସଂକଳ୍ପ ବଦ୍ଧ ବୋଲି କହୁଛନ୍ତି। ୭୦ଲକ୍ଷ ମହିଳାଙ୍କୁ ସଶକ୍ତ କରିବା କଥା ମଧ୍ୟ ବିଭିନ୍ନ ସମୟରେ ପ୍ରଚାର କରାଯାଉଛି। ମା'ମାନଙ୍କୁ ମମତା, ଜନନୀ ଭଳି ସରକାରୀ ଯୋଜନାରେ ବର୍ଷକୁ ଶହ ଶହ କୋଟି ଟଙ୍କା ଅର୍ଥବ୍ୟୟ ବରାଦ କରାଯାଇ ସ୍ୱାସ୍ଥ୍ୟ ସେବା ଯୋଗାଉଛନ୍ତି ବୋଲି ଡିଣ୍ଡିମ ପିଟୁଛନ୍ତି। କିନ୍ତୁ ଏନଏଚଏଫଏସ ରିପୋର୍ଟ ଅନୁଯାୟୀ ଓଡ଼ିଶାରେ ୬୪ ପ୍ରତିଶତରୁ ଊର୍ଦ୍ଧ୍